ବର୍ଷ-୨୬, ସଂଖ୍ୟା-୧୦୩
ଭୁବନେଶ୍ୱର
୧୬, ଏପ୍ରିଲ୍ ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ ଟଙ୍କା

Vol.-26, Issue No. ୧୦୩
Bhubaneswar
16 April, 2026 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


ଉଭୟ 'ଧୁରନ୍ଧର' ଫିଲ୍ମର ସାମୂହିକ ଆୟ ୩୦୦୦କୋଟି ଟଙ୍କା ଟପିଲା

# ଉଦ୍ୟମ ଓ ଇଚ୍ଛାଶକ୍ତି ଥିଲେ ମହିଳା ମାନେ କୌଣସି କ୍ଷେତ୍ରରେ ଅଟକିବେ ନାହିଁ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫।୪(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ସଂସ୍କୃତି ଓ ପରମ୍ପରା ପ୍ରତି ସମ୍ମାନ ଜଣାଇ ଗତ ୧୨ ବର୍ଷ ମଧ୍ୟରେ ମହିଳାଙ୍କ ବିକାଶ ପାଇଁ ଅନେକ କଲ୍ୟାଣକାରୀ କାର୍ଯ୍ୟକ୍ରମ କରିଛନ୍ତି। କିନ୍ତୁ, ସବୁଠାରୁ ବୈପ୍ଳବିକ ନିଷ୍ପତି ହେଉଛି ୨୦୨୩ ମସିହାର ନାରୀ ଶକ୍ତି ବନ୍ଦନ ଅଧିନିୟମ। ଯାହା ସ୍ୱାଧୀନତୋର ଭାରତରେ ମହିଳା ସଶକ୍ତିକରଣ କ୍ଷେତ୍ରରେ ସବୁଠାରୁ ବଡ ପଦକ୍ଷେପ ବୋଲି ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ ଆୟୋଜିତ ନାରୀଶକ୍ତି ବନ୍ଦନ ଟାଉନ ହଲ୍ ମିଟିଂ ଅବସରରେ କହିଛନ୍ତି।



ଭୁବନେଶ୍ୱର ରେଳ ଅଡିଟୋରିଅମ୍ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନାରୀଶକ୍ତି ବନ୍ଦନ ଅଧିନିୟମ କେବଳ ଏକ ଆଇନ୍ ନୁହେଁ, ବରଂ କୋଟି କୋଟି ମହିଳାଙ୍କ ସ୍ୱପ୍ନର ଉଡାଣ। ଏହି ଅଧିନିୟମ ଦ୍ୱାରା ଲୋକସଭା ଓ ବିଧାନସଭା ଗୁଡିକରେ ମହିଳାଙ୍କ ପାଇଁ ଏକ ତୃତୀୟାଂଶ ଆସନ ସଂରକ୍ଷଣ ସୁନିଶ୍ଚିତ ହୋଇଛି। ଇତିହାସ ଜାଣିଛି, ଯେତେବେଳେ ଜଣେ ନେତୃତ୍ୱ ନିଅନ୍ତି, ସେତେବେଳେ ସେ ନିଜେ ସଶକ୍ତ ହେବା ସହିତ ସମଗ୍ର ସମାଜ ଓ ରାଷ୍ଟ୍ର ଉପକୃତ ହୋଇଥାଏ। ଭାରତୀୟ ଗଣତନ୍ତ୍ରରେ ଆଜି ମହିଳାମାନେ କେବଳ ଭୋଟର ନୁହନ୍ତି ବରଂ ସକ୍ରିୟ ଭାଗିଦାର ହୋଇଛନ୍ତି। ଆମ ଓଡିଶାରେ ତୃଣମୂଳସ୍ତରରେ ପ୍ରାୟ ୧୪.୫ ଲକ୍ଷ ମହିଳା ପଂଚାୟତରାଜ ଅନୁଷ୍ଠାନ ମାନଙ୍କରେ ନିର୍ବାଚିତ ପ୍ରତିନିଧି ଭାବେ କାର୍ଯ୍ୟକରି ଦକ୍ଷତା ପ୍ରମାଣିତ କରିଛନ୍ତି। ତେଣୁ, ପ୍ରଧାନମନ୍ତ୍ରୀଙ୍କ ଏହି ଐତିହାସିକ ପଦକ୍ଷେପ ମହିଳାମାନଙ୍କୁ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ସାମିଲ ହେବାକୁ ସହାୟକ ହେବ। ଆଗାମୀ ଦିନରେ ଏହି ଅଧିନିୟମ ମାଧ୍ୟମରେ ମହିଳାଙ୍କ ପ୍ରତିନିଧିତ୍ୱ ଆହୁରି ବ୍ୟାପକ ହେବ। ଏହି ଅଧିନିୟମ ମହିଳା ବିକାଶ କ୍ଷେତ୍ରରେ ମୋଦୀଜୀଙ୍କ ପ୍ରତିବଦ୍ଧତାର ଉଦାହରଣ ବୋଲି ସେ କହିଥିଲେ। ସେ ପୁଣି କହିଥିଲେ, ବିକଶିତ ଭାରତ ପାଇଁ ସମୃଦ୍ଧ ଓଡିଶା ଗଠନ ହେଉଛି ଆମର ମୁଖ୍ୟ ଲକ୍ଷ୍ୟ। ଏହି ଯାତ୍ରାରେ ଓଡିଶାର ମା ଓ ଭଉଣୀମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ସହିତ ଆତ୍ମ ନିର୍ଭର କରିବା ପାଇଁ ଆମେ ଆରମ୍ଭ କରିଛୁ ଯୁଗାନ୍ତକାରୀ ସୁଭଦ୍ରା ଯୋଜନା। ସୁଭଦ୍ରା ଠାରୁ ଆରମ୍ଭ କରି ଲକ୍ଷପତି ଦିଦି ପର୍ଯ୍ୟନ୍ତ ଏହି ଯାତ୍ରା ଓଡିଶାର ପ୍ରତିଟି ଘରେ ସମୃଦ୍ଧି ଆଣିବ।

ଉପସ୍ଥିତ ମାତୃଶକ୍ତିଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ଆମ ସମାଜ, ରାଜ୍ୟ ତଥା ଦେଶରେ ମହିଳା ମାନେ ସବୁ କ୍ଷେତ୍ରରେ ଆଗକୁ ବଢିଲେଣି। ଉଦ୍ୟମ ଓ ଇଚ୍ଛାଶକ୍ତି ଥିଲେ ମହିଳା ମାନେ କୌଣସି କ୍ଷେତ୍ରରେ ଅଟକିବେ ନାହିଁ ବୋଲି ସେ କହିଥିଲେ। ସେ କହିଥିଲେ, ଗାଁର ସାଧାରଣ ମହିଳା ଯେତେବେଳେ ଡିଜିଟାଲ ବ୍ୟାଙ୍କିଙ୍ଗ ଓ ଆଧୁନିକ କୃଷି କରନ୍ତି, ସେତେବେଳେ ହିଁ ପ୍ରକୃତ ବିକାଶ ହୋଇଥାଏ। ସେଥିପାଇଁ ଆମର ଲକ୍ଷ୍ୟ ରହିଛି ଓଡିଶାର ପ୍ରତିଟି ମାଙ୍କୁ ଲକ୍ଷପତି ଦିଦି ଭାବେ ଗଢି ତୋଳିବା।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ବିକଶିତ ରାଷ୍ଟ୍ର ଗୁଡିକରେ ମହିଳା ମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ ଭାଗିଦାରୀ ଖୁବ୍ ଅଧିକ ରହିଛି। ତେଣୁ, ନାରୀ ଶକ୍ତିର ବିକାଶ ହେଉଛି ବିକାଶର ଏକ ମୁଖ୍ୟ ଆଧାର। ନାରୀ ଶକ୍ତିର ଉନ୍ନତି ପାଇଁ ଏବେ ସାରା ଭାରତ ଆଗେଇ ଆସିଛି। ଭାରତୀୟ ନାରୀ ଆଜି ସମସ୍ତ କ୍ଷେତ୍ରରେ ପ୍ରତିନିଧିତ୍ୱ କରୁଛନ୍ତି। ଯୁଦ୍ଧ କ୍ଷେତ୍ରରେ ମଧ୍ୟ। ଅପରେସନ ସିନ୍ଦୁର ତା'ର ଜ୍ୱଳନ୍ତ ପ୍ରମାଣ। ବର୍ତ୍ତମାନ ସମୟ ଆସିଛି, ବିଧାନସଭା ଠାରୁ ଆରମ୍ଭ କରି ସଂସଦ ପର୍ଯ୍ୟନ୍ତ ନାରୀ ଶକ୍ତିର ନେତୃତ୍ୱକୁ ଆମକୁ ସ୍ୱୀକାର କରିବାକୁ ପଡିବ।

ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ କହିଥିଲେ ଯେ, ମହିଳାଙ୍କ ସମ୍ମାନ, ସମତା, ନେତୃତ୍ୱ ଓ ସ୍ୱାଭିମାନ ପାଇଁ ମହିଳା ମାନଙ୍କୁ ପାର୍ଲାମେଂଟରେ ବସିବାର ସୁଯୋଗ ଦିଆଯିବାର ଆବଶ୍ୟକତା ରହିଛି। ଏହି ଅଧିନିୟମ ବଳରେ ବର୍ତ୍ତମାନ ପଂଚାୟତରୁ ପାର୍ଲାମେଂଟ ଯିବା ସହଜ ହେବ।

ବିଶିଷ୍ଟ ସାହିତ୍ୟିକା ତଥା ଜ୍ଞାନପୀଠ ପୁରସ୍କାର ବିଜୟିନୀ ଡକ୍ଟର ପ୍ରତିଭା ରାୟ କହିଥିଲେ ଯେ, ନାରୀ ଆବଶ୍ୟକସ୍ଥଳେ ଲକ୍ଷ୍ମୀ, ଦୁର୍ଗା ଅଥବା କାଳୀଙ୍କ ସ୍ୱରୂପିଣୀ। ନାରୀ କେବେହେଲେ ଯୁଦ୍ଧ ଚାହେଁ ନାହିଁ, ନାରୀ ଚାହେଁ ଶାନ୍ତି। ତେଣୁ ପ୍ରତ୍ୟେକ ଗୃହରେ ଯଦି ନାରୀଶକ୍ତି ବନ୍ଦନ ହୁଏ, ତେବେ ପୃଥିବୀର ଭାଗ୍ୟ ବଦଳିଯିବ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ବିଶିଷ୍ଟ କ୍ରୀଡାବିତ୍ ଶ୍ରୀମତୀ ଅନୁରାଧା ବିଶ୍ୱାଳ, ଖ୍ୟାତନାମା ଓଡିଶୀ ନୃତ୍ୟଶିଳ୍ପୀ ତଥା ଗୁରୁ ଡକ୍ଟର ଅରୁଣା ମହାନ୍ତି ପ୍ରମୁଖ ନାରୀ ସଶକ୍ତିକରଣ କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କର ଏହି ମହତ୍ୱକାଂକ୍ଷୀ ଅଧିନିୟମକୁ ଯୁଗୋପଯୋଗୀ ବୋଲି ଦର୍ଶାଇଥିଲେ। ରାଜ୍ୟ ମହିଳା କମିଶନ ଅଧକ୍ଷା ଶ୍ରୀମତୀ ଶୋଭନା ମହାନ୍ତି କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ମୃଣାଳିନୀ ଦର୍ଶ୍ୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଯୁକ୍ତି ବିଦ୍ୟା କେବେ ବି କରୁଣା ଏବଂ ସଙ୍କୋଚତାର ସ୍ଥାନ ନେଇପାରିବ ନାହିଁ: ରାଷ୍ଟ୍ରପତି

ନାଗପୁର, ୧୫।୪(ମହାଭାରତ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମହାରାଷ୍ଟ୍ରର ନାଗପୁରରେ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ)ର ଦ୍ୱିତୀୟ ସମାବର୍ତନ ଉତ୍ସବରେ ଯୋଗ ଦେଇଥିଲେ। ସମାବର୍ତନ ଉତ୍ସବରେ ରାଷ୍ଟ୍ରପତି କହିଥିଲେ ଯେ ଚିକିତ୍ସା କ୍ଷେତ୍ର କେବଳ ଏକ ବୃତି ନୁହେଁ; ଏହା ସମ୍ବେଦନଶୀଳତାର ସହିତ ମାନବତାର ସେବା କରିବାର ଏକ ମାଧ୍ୟମ। ଡାକ୍ତରମାନେ କେବଳ ରୋଗର ଚିକିତ୍ସା କରନ୍ତି ନାହିଁ ବରଂ ରୋଗୀଙ୍କ ମଧ୍ୟରେ ଆଶା ସୃଷ୍ଟି କରନ୍ତି। ଫଳସ୍ୱରୂପ, ଆଧୁନିକ ପ୍ରଯୁକ୍ତିବିଦ୍ୟା ଯେତେ ଆଗକୁ ବଢ଼ିଲେ ମଧ୍ୟ, ଏହା କେବେବି କରୁଣା, ସଙ୍କୋଚତା ଏବଂ ସମ୍ବେଦନଶୀଳତାର ସ୍ଥାନ ନେଇପାରିବ ନାହିଁ। ସମାବର୍ତନ ଉତ୍ସବରେ ଉଦବୋଧନ ଦେଇ ରାଷ୍ଟ୍ରପତି କହିଥିଲେ ଯେ ଡାକ୍ତରମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପରାମର୍ଶ କେବଳ ରୋଗୀଙ୍କୁ ନୁହେଁ ବରଂ ସେମାନଙ୍କ ପରିବାରକୁ ମଧ୍ୟ ମାନସିକ ଶକ୍ତି ପ୍ରଦାନ କରେ। ଡାକ୍ତରମାନେ ପ୍ରାୟତଃ ଚ୍ୟାଲେଞ୍ଜିଂ ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି, ତଥାପି ସେମାନଙ୍କୁ ପ୍ରତ୍ୟେକ ପରିସ୍ଥିତିରେ ରୋଗୀ ଏବଂ ସେମାନଙ୍କ ପରିବାର ପ୍ରତି ସମ୍ବେଦନଶୀଳ ରହିବା ଉଚିତ। ଏହା ବ୍ୟତୀତ, ରୋଗୀ ଏବଂ ସେମାନଙ୍କ ପରିବାର ଡାକ୍ତରୀ ବୃତିଗତଙ୍କ ପ୍ରତି ସମ୍ମାନ ବଜାୟ ରଖିବା ଉଚିତ। ଡାକ୍ତର ଏବଂ ରୋଗୀଙ୍କ ମଧ୍ୟରେ ଏକ ବିଶ୍ୱସ୍ତ ସମ୍ପର୍କ ବଜାୟ ରଖିବା ପାଇଁ ଏହା ଅତ୍ୟନ୍ତ ଜରୁରୀ।

## ସିବିଏସ୍‌ଇ ୧୦ମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶିତ

# ଦେଶରେ ଛାତ୍ରଙ୍କୁ ପଛରେ ପକାଇଲେ ଛାତ୍ରୀ

ଭୁବନେଶ୍ୱର ୧୫।୪(ମହାଭାରତ): ଆଜି ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ସେକଣ୍ଡାରି ଏଜୁକେସନ୍ (ସିବିଏସ୍)ଇର ୧୦ମ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଛାତ୍ରଛାତ୍ରୀମାନେ ନିଜର ପରୀକ୍ଷା ଫଳ cbse.gov.in, results.cbse.nic.in ରେ ଦେଖିପାରିବେ। ଏହା ବ୍ୟତୀତ ଡିଜିଲକର ଓ ଓମଙ୍ଗ ଆପ୍‌ରେ ମଧ୍ୟ ନିଜର ପରୀକ୍ଷା ଫଳ ଦେଖିପାରିବେ।



ସୂଚନାଯୋଗ୍ୟ, ଚଳିତ ବର୍ଷ (୨୦୨୫-୨୬)ରେ ୧୭ ଫେବୃଆରି ୨୭ ଫେବୃଆରି ମଧ୍ୟରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଦେଶର ୮୦୭୫ଟି ପରୀକ୍ଷା କେନ୍ଦ୍ରରେ ୨୫ଲକ୍ଷ ୮ହଜାର ୩୧୯ଜଣ ଛାତ୍ରଛାତ୍ରୀ ସିବିଏସ୍‌ଇ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୪ଲକ୍ଷ ୮ହଜାର ୫୪୬ଜଣ ଛାତ୍ର ଓ ୧୦ଲକ୍ଷ ୯୯ ହଜାର ୭୭୩ଜଣ ଛାତ୍ରୀ ଥିଲେ। ତେବେ ୨୪ଲକ୍ଷ ୭୧ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ପଶ୍ଚିମ ଏସିଆ ଯୁଦ୍ଧ ଯୋଗୁଁ କତାର, ୟୁଏଇ, ଓମାନ୍ ଆଦି ମଧ୍ୟପ୍ରାଚ୍ୟ ଦେଶରେ ସିବିଏସ୍‌ଇ ପରୀକ୍ଷା ସ୍ଥଗିତ ରହିଥିଲା। ପ୍ରାୟ ୭ଲକ୍ଷ ଶିକ୍ଷକ ଖାତା ଦେଖା ଓ ୪୬ହଜାର ମୁଖ୍ୟ ପରୀକ୍ଷକ ଭାବେ ନିୟୋଜିତ ହୋଇଥିଲେ।

୧୦ମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ନିମନ୍ତେ ସର୍ବନିମ୍ନ ହାରାହାରି ୩୩ ପ୍ରତିଶତ ନମ୍ବର ରଖିବା ଆବଶ୍ୟକ। ଯେଉଁମାନେ ଏହି ନମ୍ବର ଆଣିବାରେ ବିଫଳ ହୋଇଛନ୍ତି ସେମାନଙ୍କୁ କମ୍ପାର୍ଟମେଣ୍ଟ ପରୀକ୍ଷା ଦେବାକୁ ପୁଣିଥରେ ସୁଯୋଗ ଦିଆଯିବ। ଚଳିତ ବର୍ଷ ସିବିଏସ୍‌ଇ ଅନୁଦିତ ସ୍କୁଲଗୁଡିକରେ ୯୯.୧୦% ପ୍ରତିଶତ ରହିଛି। ୨୦୨୫ରେ ଏହା ୯୮.୫୭% ରହିଥିଲା। ସ୍ୱାଧୀନ ସିବିଏସ୍‌ଇ ସ୍କୁଲଗୁଡିକରେ ପାସ୍‌ହାର ୯୩.୭୭ ପ୍ରତିଶତ ରହିଥିବା ବେଳେ ସରକାରୀ ସ୍କୁଲ୍‌ଗୁଡିକରେ ପାସ୍‌ହାର ୯୧.୪୩ ପ୍ରତିଶତ ରହିଛି। ସରକାରୀ ସହାୟତା (ଏଡ୍‌ଡ୍) ସ୍କୁଲ୍‌ଗୁଡିକରେ ଏହା ୯୧.୦୧% ପ୍ରତିଶତ ରହିଛି। ସର୍ବାଧିକ ପାସ୍ ହାର ଥିବା ଜିଲ୍ଲାଗୁଡିକରେ ତ୍ରିଭେନ୍ଦ୍ରମ୍ (କେରଳ) ୯୯.୭୯%, ବିଜୟୱାଡା (ଆନ୍ଧ୍ରପ୍ରଦେଶ) ୯୯.୭୯%, ଚେନ୍ନାଇ (ତାମିଲନାଡୁ) ୯୯.୫୮%, ବେଙ୍ଗାଲୁରୁ (କର୍ଣ୍ଣାଟକ) ୯୮.୯୧% ରହିଛି।

# ସ୍କୁଲ୍ ଗେଟ୍ ଭାଙ୍ଗି ଗଲା ୨ ଛାତ୍ରୀଙ୍କ ଜୀବନ

## ମୃତକଙ୍କ ପରିବାର ପିଛା ୩ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ଘୋଷଣା

ଆର.ଉଦୟଗିରି, ୧୫।୪(ମହାଭାରତ): ଗଜପତି ଜିଲ୍ଲା ଆର. ଉଦୟଗିରି ଥାନା ରୁବୁଡିସିଂ ଉଚ୍ଚ ପ୍ରାଥମିକ ସ୍କୁଲ୍‌ରେ ବୁଧବାର ଘଟିଛି ବଡ ଅଘଟଣ। ସ୍କୁଲର ଗେଟ୍ ଭୁଶୁଡି ପଡିବାରୁ ୨ ଜଣ ଛାତ୍ରୀଙ୍କର ମୃତ୍ୟୁ ହୋଇଯାଇଛି।ମୃତ ଛାତ୍ରୀ ଦ୍ୱୟ ହେଉଛନ୍ତି ରୁବୁଡିସିଂ ଗାଁର ଇରନ୍ତି ରଇତ ଓ ବେକ୍‌ଲେସନ ରଇତ। ଇରନ୍ତି ଚତୁର୍ଥ ଶ୍ରେଣୀରେ ପଢୁଥିବା ବେଳେ ବେକ୍‌ଲେସନ ପଞ୍ଚମ ଶ୍ରେଣୀରେ ପଢୁଥିଲେ। ପିଲାମାନେ ଖେଳୁଥିବା ହଠାତ୍ ଗେଟ୍‌ଟି ଭୁଶୁଡି ପଡିଥିଲା। ତାହା ଏହି ଦୁଇ ଛାତ୍ରୀଙ୍କ ଉପରେ ପଡିଥିଲା। ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ନିମ୍ନମାନର କାମ ହୋଇଥିବାରୁ ଏପରି ଘଟିଥିବା କୁହାଯାଉଛି। ଖବର ପାଇଁ ଆର. ଉଦୟଗିରି ପୁଲିସ ସ୍କୁଲରେ ପହଞ୍ଚି ତଦନ୍ତ କରିଛି। ସେହିପରି ନୂଆଗଡ ବିଡିଓ ଓ ତହସିଲଦାର ସ୍କୁଲରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ରେଡକ୍ରାସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। କେଉଁ ପରିସ୍ଥିତିରେ ଗେଟ୍ ଭୁଶୁଡ଼ିଲା ତା'ର ତଦନ୍ତ ଚାଲିଛି।

ଗଜପତି ଜିଲ୍ଲା ନୂଆଗଡ ବ୍ଲକ ସ୍ଥିତ ରୁବିଡିସିଂ ସରକାରୀ ପ୍ରାଥମିକ ବିଦ୍ୟାଳୟର ଦୁଇ ଜଣ ଛାତ୍ରୀ ସ୍କୁଲ ଗେଟ୍ ପଡିବା ଯୋଗୁ ଦୁର୍ଘଟଣାଗ୍ରସ୍ତ ହୋଇ ମୃତ୍ୟୁବରଣ କରିବା ଘଟଣାରେ ମୁଖ୍ୟମନ୍ତ୍ରୀଗଭୀର ଦୁଃଖ ପ୍ରକାଶ କରିଛନ୍ତି। କେଉଁ ପରିସ୍ଥିତିରେ ଏଭଳି ଅଭାବନୀୟ ଘଟଣା ଘଟିଲା, ତାହାର ସବିଶେଷ ତଦନ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜରୁର ସ୍ତରୀୟ ତଦନ୍ତ ଘୋଷଣା କରିଛନ୍ତି। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଏହି ଘଟଣାର ତଦନ୍ତ କରିବେ। ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରିବା ସହିତ ମୁଖ୍ୟମନ୍ତ୍ରୀ ସେମାନଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ସିଏମଆରଏଫରୁ ୩ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି।

# ମହାପ୍ରଭୁଙ୍କ ଦର୍ଶନ ବ୍ୟବସ୍ଥାରେ ହେବ ପରିବର୍ତ୍ତନ

ଭୁବନେଶ୍ୱର, ୧୫।୪(ମହାଭାରାତ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ନେଇ ବଡ଼ ଘୋଷଣା କଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ବଦଳିବ ଦର୍ଶନ ବ୍ୟବସ୍ଥା । ଖୁବଶୀଘ୍ର ସ୍ଲଟ ବୁକିଂ ମାଧ୍ୟମରେ ଶ୍ରୀମନ୍ଦିରେ ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ । ଏନେଇ ଆଇନ ମନ୍ତ୍ରୀ ସୂଚନା ଦେଇଛନ୍ତି । ଏଣିକି ଜଗା ଦର୍ଶନ ପାଇଁ ଆଉ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡିନପାରେ । ମନ୍ତ୍ରୀଙ୍କ କହିବା ଅନୁସାରେ, ଜଗା ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କୁ ଆଗୁଆ ବୁକିଂ କରିବାକୁ ପଡିବ । ଉଭୟ ଲାଇନ ଏବଂ ସ୍ଲଟ ବୁକିଂ ଦର୍ଶନ ଜାରି ରହିବ । ତେବେ ବୁକିଂ କରିଥିବା ବ୍ୟକ୍ତି ସେହି ସମୟରେ ହିଁ ଜଗା ଦର୍ଶନ କରିବେ । ଶ୍ରଦ୍ଧାଳୁମାନେ ସ୍ୱତନ୍ତ୍ର ହୋଲଡିଂ ଏରିଆରେ ରହି ସ୍ଲଟ୍ ବୁକିଂ ଜରିଆରେ ଭିତରକୁ ଯାଇପାରିବେ।

## ଶ୍ରୀମନ୍ଦିରରେ ସ୍ଲଟ ବୁକିଙ୍ଗ ମାଧ୍ୟମରେ ହେବ ଦର୍ଶନ ବ୍ୟବସ୍ଥା

ଭୁବନେଶ୍ୱର, ୧୫।୪(ମହାଭାରତ): ଖୁବଶୀଘ୍ର ସ୍ଲଟ ବୁକିଙ୍ଗ ମାଧ୍ୟମରେ ଶ୍ରୀମନ୍ଦିରରେ ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ । ଏନେଇ ସୂଚନା ଦେଇଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି ଯେ ଉଭୟ ଲାଇନ ଏବଂ ସ୍ଲଟ ବୁକିଙ୍ଗ ଦର୍ଶନ ଜାରି ରହିବା ପାଇଁ ଆମେ ଯୋଜନା କରୁଛୁ । ସ୍ଲଟ ବୁକିଂ କରି ଶ୍ରଦ୍ଧାଳୁ ମାନେ କିଭଳି ନିର୍ଦ୍ଦିଷ୍ଟ ବୁକିଂ ସମୟରେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ତାକୁ ନଜରରେ ରଖି ଏଭଳି ବ୍ୟବସ୍ଥା ନାଇଁ ଚିନ୍ତା କରାଯାଉଛି। ସ୍ୱତନ୍ତ୍ର ହୋଲଡିଂ ଏରିଆରେ ସ୍ଲଟ ବୁକିଂ ମାଧ୍ୟମରେ ଦର୍ଶନ କରିବେ ଶ୍ରଦ୍ଧାଳୁ । ପ୍ରଥମେ ପରୀକ୍ଷାମୂଳକ ଭାବରେ ସ୍ଲଟ ବୁକିଂ ଦର୍ଶନ ବ୍ୟବସ୍ଥା କରାଯିବ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା ହୋଇଛି । ମ୍ୟାନେଜିଙ୍ଗ କମିଟିରେ ଏନେଇ ଆଲୋଚନା ପରେ ସ୍ଲଟ ବୁକିଙ୍ଗକୁ ନେଇ ନିଷ୍ପତି ହେବ । ନାଟମଣ୍ଡପକୁ ମଧ୍ୟ ଖୁବଶୀଘ୍ର ଏୟାର କଣ୍ଡିସନଙ୍ଗି ପ୍ରକ୍ରିୟା ଆରମ୍ଭ ହୋଇଛି। ସେହିଭଳି ଧାଡି ଦର୍ଶନକୁ ନେଇ ପ୍ରସ୍ତୁତ ରାମ୍ପକୁ ଖୁବଶୀଘ୍ର ଲାଗୁ କରାଯିବ । ମନ୍ଦିରରେ ଏକ ସମୟରେ ସାଢେ ଚାରି ହଜାରରୁ ପାଂଚ ହଜାର ଶ୍ରଦ୍ଧାଳୁ ଏକା ସମୟରେ ଦର୍ଶନ କରିପାରିବେ । ସମସ୍ତ ଦିଗକୁ ନଜରରେ ରଖି ଅନେକ ଯୋଜନା ପ୍ରସ୍ତୁତ କରାଯାଉଛି ।


# ବୁର୍ଲା ଭିସୁଟ ପରିସରରେ ଜୋହୋ ସ୍କିଲ୍ ହବ୍ ଓ ପେଟିଏମ୍ ଜ୍ଞାନ ବାହାନ ଲୋକାର୍ପିତ

ସମ୍ବଲପୁର/ବୁର୍ଲା / ଭୁବନେଶ୍ୱର, ୧୫।୪(ମହାଭାରତ): ବର୍ତ୍ତମାନର ପରିବର୍ତିତ ବିଶ୍ୱରେ କେବଳ ଡିଗ୍ରୀ ବା ସାର୍ଟିଫିକେଟ୍ ଯଥେଷ୍ଟ ନୁହେଁ, ବରଂ 'ଦକ୍ଷତା ଆଧାରିତ ଶିକ୍ଷା' ହିଁ ଜଣେ ଛାତ୍ରର ପ୍ରକୃତ ପରିଚୟ ବୋଲି ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ପରିସରରେ 'ଜୋହୋ ସ୍କିଲ୍ ହବ୍'ର ଲୋକାର୍ପଣ କରିବା ସହ ପେଟିଏମ୍-ୱିଜଡମ୍ ଅନ୍ ହୁଇଲ୍ ସ (ଜ୍ଞାନ ବାହାନ)ର ଶୁଭାରମ୍ଭ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି ।




ବିଶ୍ୱସ୍ତରୀୟ ଆଇଟି କମ୍ପାନୀ 'ଜୋହୋ' ସହଯୋଗରେ ସ୍ଥାପିତ 'ଜୋହୋ ସ୍କିଲ୍ ହବ୍'କୁ ଲୋକାର୍ପଣ କରି ମନ୍ତ୍ରୀ କହିଛନ୍ତି ଯେ, ଏହା କେବଳ ଏକ ତାଲିମ କେନ୍ଦ୍ର ନୁହେଁ ବରଂ ଏକ ସମ୍ପୂର୍ଣ୍ଣ ଇକୋସିଷ୍ଟମ୍ । ଏଠାରେ ଅତ୍ୟାଧୁନିକ କ୍ଲାସରୁମ୍ ଓ ପାର୍ଟନର ଅଫିସ୍ ଜରିଆରେ ଛାତ୍ରଛାତ୍ରୀମାନେ ବାସ୍ତବିକ କାର୍ଯ୍ୟକ୍ଷେତ୍ରର ଅଭିଜ୍ଞତା ପାଇବେ । ସମ୍ବଲପୁର ସମେତ ଆଖପାଖ ଅଞ୍ଚଳର ଛାତ୍ରଛାତ୍ରୀ ଜୋହୋର ଅତ୍ୟାଧୁନିକ ଟେକ୍ନୋଲୋଜି ଉପରେ ତାଲିମ ପାଇପାରିବେ । ଜୋହୋ ସ୍କିଲ୍ ହବ୍ ଛାତ୍ରଛାତ୍ରୀଙ୍କୁ ବୈଷୟିକ ଜ୍ଞାନକୌଶଳରେ ନିପୁଣ କରିବ । ଯେଉଁମାନେ ନିଜର ଦକ୍ଷତା ପ୍ରମାଣିତ କରିବେ, ସେମାନଙ୍କୁ ଜୋହୋର ପାର୍ଟନର ନେଟୱାର୍କ ସହ ଦେଶ-ବିଦେଶରେ ସିଧାସଳଖ ନିଯୁକ୍ତି ସୁଯୋଗ ମିଳିବ । ଜୋହୋ ପକ୍ଷରୁ ରେସ୍ ଟୁ କ୍ଲାଉଡ୍ ପରି ସଂସ୍ଥାଗୁଡ଼ିକ ଓଡ଼ିଶାରେ ନିଜର ବେସ୍ ସ୍ଥାପନ କରିବା ଆଗାମୀ ଦିନରେ ସମଗ୍ର ଦେଶ ପାଇଁ ଏକ ମଡେଲ ସାଜିବ ।

ଶ୍ରୀ ପ୍ରଧାନ କହିଛନ୍ତି, ସାମାଜିକ ଦାୟିତ୍ୱବୋଧର ଏକ ଅଂଶସ୍ୱରୂପ ପେଟିଏମ ଫାଉଣ୍ଡେସନ ଏବଂ ଭିସୁଟର ମିଳିତ ସହଯୋଗରେ ଜ୍ଞାନ ବାହନର ଶୁଭାରମ୍ଭ ପ୍ରଶଂସନୀୟ । ଏହି ଅତ୍ୟାଧୁନିକ ବସ୍ ଗ୍ରାମାଞ୍ଚଳର ସରକାରୀ ସ୍କୁଲ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କୁ ଡିଜିଟାଲ୍ ଏବଂ ଆର୍ଥିକ ସାକ୍ଷରତା ପ୍ରଦାନ କରିବ। ଏହି ପଦକ୍ଷେପ ତୃଣମୂଳ ସ୍ତରରେ ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥାକୁ ସୁଦୃଢ଼ କରିବ । ଏହି ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ଜୋହୋ, ପେଟିଏମ ଏବଂ ଭିସୁଟକୁ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି, ବୁର୍ଲାର ଭିସୁଟ ଅନୁଷ୍ଠାନ ସର୍ବଦା ଗୋଟିଏ ଅଗ୍ରଣୀ ଅନୁଷ୍ଠାନ ଭାବେ ବୈଷୟିକ ଜ୍ଞାନକୌଶଳରେ ନିଜର ଚରିତ୍ରକୁ ପ୍ରତିପାଦିତ କରିଛି । ଭିସୁଟ୍ ସର୍ବଦା ଏକ ପ୍ରାୟୋଗିକ ଶିକ୍ଷା କେନ୍ଦ୍ର ଭାବେ କାର୍ଯ୍ୟଭିତ୍ତିକ ଶିକ୍ଷାକୁ ଗୁରୁତ୍ୱ ଦେଇଆସିଛି । ଜୋହୋ ପରି ବିଶ୍ୱସ୍ତରୀୟ କମ୍ପାନୀର ସହଯୋଗରେ ଏବେ ସମ୍ବଲପୁରର ଇଞ୍ଜିନିୟରିଂ ଓ ଅଣ-ଇଞ୍ଜିନିୟରିଂ ଛାତ୍ରଛାତ୍ରୀମାନେ ଅତ୍ୟାଧୁନିକ ଟେକ୍ନୋଲୋଜିରେ ଦକ୍ଷ ହୋଇ ନିଜକୁ ନିଯୁକ୍ତିଦାତା ଭାବେ ଗଢ଼ିତୋଳିବେ । ସମ୍ବଲପୁରର ଶିକ୍ଷା କ୍ଲଷ୍ଟର ସମ୍ପର୍କରେ ଆଲୋକପାତ କରି ମନ୍ତ୍ରୀ କହିଛନ୍ତି ଯେ, ଭିସୁଟର ବୈଷୟିକ ଜ୍ଞାନକୌଶଳ, ଭିମସାରର ଚିକିତ୍ସା ବିଜ୍ଞାନ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ଏବଂ ଆଇଆଇଏମ. ସମ୍ବଲପୁରର ମ୍ୟାନେଜମେଣ୍ଟ ଦକ୍ଷତାକୁ ସମନ୍ୱିତ କରି ଏକ 'ମଲଟି-ଡିସିପ୍ଲିନାରୀ' ଶିକ୍ଷା ବ୍ୟବସ୍ଥା ତିଆରି କରାଯିବ । ଏଥିପାଇଁ ସବୁ ଶିକ୍ଷାନୁଷ୍ଠାନର ପ୍ରାଧ୍ୟାପକମାନେ ଯୋଜନା କରିବା ଦରକାର । ଆଇଆଇଟି ମାଡ୍ରାସ ସହ ମିଶି ପାଠ୍ୟକ୍ରମର ଆଧୁନିକୀକରଣ ଏବଂ ଆଇଆଇଟି କାନପୁର ସହ ସହରୀ ସ୍ଥାୟୀ ବିକାଶ ପାଇଁ ହୋଇଥିବା ଚୁକ୍ତି ବୁର୍ଲାକୁ ଏକ ବିଶ୍ୱସ୍ତରୀୟ ଜ୍ଞାନର କେନ୍ଦ୍ର ଓ ରୋଜଗାର ସୃଷ୍ଟିର ପ୍ରମୁଖ ସ୍ଥଳରେ ପରିଣତ କରିବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ବିଶ୍ୱବିଦ୍ୟାଳୟ ପରିସରରେ ଏକ ନୂତନ 'ପ୍ରଶିକ୍ଷଣ ଓ ନିଯୁକ୍ତି ଭବନ' ଏବଂ 'ସ୍ପୋର୍ଟ୍ସ କମ୍ପଲେକ୍ସ'ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ଛାତ୍ରଛାତ୍ରୀଙ୍କୁ ବୈଷୟିକ ପ୍ରଶିକ୍ଷଣ ଦେବା ସହ ସେମାନଙ୍କ ଶାରୀରିକ ବିକାଶ ଓ କ୍ରୀଡ଼ା ପ୍ରତିଭାକୁ ଉନ୍ନୀତ କରିବାରେ ସହାୟକ ହେବ। ଏହି ଅବସରରେ ମନ୍ତ୍ରୀ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ଇନୋଭେଟରମାନଙ୍କୁ ମଧ୍ୟ ସମ୍ମାନିତ କରିବା ସହ ଶୁଭେଚ୍ଛା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପଞ୍ଚାୟତିରାଜ, ପାନୀୟ ଜଳ ଏବଂ ଗ୍ରାମୀଣ ଉନ୍ନୟନ ମନ୍ତ୍ରୀ ରବି ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଜୋହୋ କର୍ପୋରେସନର ନିର୍ଦ୍ଦେଶକ ରାଜେନ୍ଦ୍ରନ ଦଣ୍ଡପାଣି, ପେଟିଏମର ପ୍ରତିନିଧି ଏବଂ ଭିସୁଟର କୁଳପତି ପ୍ରମୁଖ ଉପସ୍ଥିତ ଥିଲେ ।



## ଇଲିସି ମାଛ ବାଟିବସା



ଆବଶ୍ୟକ ସାମଗ୍ରୀ: ଇଲିସି ମାଛ, ଲୁଣ, ହଳଦୀ, କଟା ପିଆଜ, କଟା କଞ୍ଚାଲଙ୍କା, ଧନିଅ। ପତ୍ର, କଟା ଟମାଟୋ, ଲଙ୍କା ଗୁଣ୍ଡ, ସେଥିରେ ଧଳା ସୋରିଷ, ଜୀରା, ଶୁଖିଲା ଲଙ୍କା ବଟା, ଧନିଅ। ଗୁଣ୍ଡ, ଲେମ୍ବୁରସ ଓ ସୋରିଷ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କଞ୍ଚା ଇଲିସି ମାଛକୁ ଭଲଭାବେ ଧୋଇ, ସେଥିରେ ଲୁଣ ଓ ହଳଦୀ ଗୋଳାଇ ରଖନ୍ତୁ। ଏହାପରେ ଇଲିସି ମାଛରେ କଟା ପିଆଜ, କଟା କଞ୍ଚାଲଙ୍କା, ଧନିଆ ପତ୍ର, କଟା ଟମାଟୋ ଓ ଲଙ୍କା ଗୁଣ୍ଡ ପକାନ୍ତୁ। ଏଥିସହ ସେଥିରେ ଧଳା ସୋରିଷ, ଜୀରା, ଶୁଖିଲା ଲଙ୍କା ବଟା, ଧନିଆ ଗୁଣ୍ଡ, ଲେମ୍ବୁରସ ଓ ସୋରିଷ ତେଲ ଦେଇ ଭଲଭାବେ ମ୍ୟାରିନେଟ କରି ରଖିଦିଅନ୍ତୁ। ବର୍ତ୍ତମାନ ଗ୍ୟାସରେ ଏକ ପାତ୍ର ଗରମ କରି ସେଥିରେ ମ୍ୟାରିନେଟ୍ ହୋଇଥିବା ମାଛ ପକାନ୍ତୁ ଓ ଅଳ୍ପ ପାଣି ଦିଅନ୍ତୁ। ବର୍ତ୍ତମାନ ଘୋଡ଼ଣୀ ଘୋଡ଼ାଇ ମୁହଁକୁ ଅଟା ଦ୍ୱାରା ବନ୍ଦ କରିଦିଅନ୍ତୁ। ୧୫ ରୁ ୨୦ ମିନିଟ୍ ଭିତରେ ପ୍ରସ୍ତୁତ ହୋଇଯିବ ସ୍ୱାଦିଷ୍ଟ 'ଇଲିସି ମାଛ ବାଟିବସା'।

### ····· ପରଦା ଖବର ······

## ରାମାୟଣ ଫିଲ୍ମରେ ଏକାଠି ନଜର ଆସିବେନି ରାମ-ରାବଣ



'ରାମାୟଣ' ଫିଲ୍ମ ସମ୍ପର୍କରେ ଏକ ବଡ଼ ଅପଡେଟ୍ ସାମ୍ନାକୁ ଆସିଛି । ଏହି ଫିଲ୍ମରେ ରାବଣ ଭୂମିକାରେ ଅଭିନୟ କରୁଥିବା କଓଡ ସୁପରଷ୍ଟାର ।ଶଙ୍କର ଏକ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଯେଉଁଥିରେ ସେ ତାଙ୍କ ଅଭିନୀତ ଚରିତ୍ର ସମ୍ପର୍କର ଏକ ରହସ୍ୟର ଖୁଲାସା କରିଛନ୍ତି ।ଏହି ଫିଲ୍ମରେ ତାଙ୍କୁ ରଣବୀର କପୁରଙ୍କ ସହିତ ଦେଖିବାକୁ ମିଳିବ ନାହିଁ ବୋଲି ସେ କହିଛନ୍ତି । ଆକର୍ଷଣୀୟ ଭାବରେ ଆମେ ଏହି ଫିଲ୍ମରେ ଏକାଠି ଦେଖାଯିବୁ ନାହିଁ । ଏହି ଫିଲ୍ମକୁ ଦୁଇଟି ପାର୍ଟରେ ଦେଖିବାକୁ ପାଇବେ ଦର୍ଶକ । ପ୍ରଥମ ଭାଗରେ, ରାବଣର ନିଜସ୍ୱ ରାଜ୍ୟ ରହିବ ଏବଂ ରାମଙ୍କର ନିଜସ୍ୱ ରାଜ୍ୟ ରହିବ'' ବୋଲି ଯଶ୍ କହିଛନ୍ତି । ଯାହା ଲୋକଙ୍କ ଉତ୍ସାହକୁ ବଢାଇ ଦେଇଛି । ଏପରି ଭାବେ ଫିଲ୍ମ ରିଲିଜ କରିବା ଦ୍ୱାରା ଦର୍ଶକଙ୍କ ପାଇଁ ଏହା ଇଣ୍ଟ୍ରେଷ୍ଟିଂ ରହିବ । ଯଶଙ୍କର ଏହି ଖୁଲାସା ପରେ ଫିଲ୍ମର ଦ୍ୱିତୀୟ ପାର୍ଟକୁ ଅପେକ୍ଷା କରିଛନ୍ତି ଦର୍ଶକ । ରାମ ଏବଂ ରାବଣଙ୍କ ମଧ୍ୟରେ ମୁକାବିଲା ଦେଖିବା ପାଇଁ ଦ୍ୱିତୀୟ ପାର୍ଟକୁ ଅପେକ୍ଷା କରିବାକୁ ପଡିବ ।ଯଦିଓ ଉଭୟ ଅଭିନେତା ଏହି ଫିଲ୍ମରେ ଏକାଠି ଦେଖାଯାଉନାହାଁନ୍ତି । ତଥାପି ପରଦା ବାହାରେ ସେମାନଙ୍କର ଏକ ଦୃଢ଼ ସମ୍ପର୍କ ରହିଛି । ଏହା ବ୍ୟତୀତ ଯଶ ରଣବୀର କପୁରଙ୍କୁ ପ୍ରଶଂସା କରି ତାଙ୍କୁ ଜଣେ ଚମତ୍କାର ଅଭିନେତା ବୋଲି ବୋଲି ମଧ୍ୟ ସେ କହିଥିଲେ।

## ଦେବୀ ଭୁବନେଶ୍ୱରୀ



ଭୁବନର ଦେବୀ ହୋଇଥିବାରୁ ତାଙ୍କ ନାମ ଭୁବନେଶ୍ୱରୀ (ଭୁବନ+ଈଶ୍ୱରୀ) ହୋଇଛି । ସମଗ୍ର ଭୁବନ ଗଠନରେ ତାଙ୍କର ଭୂମିକା ରହିଛି । ତାଙ୍କରି କୃପାରୁ ସମଗ୍ର ଭୁବନ ପରିଚାଳିତ ହୋଇଥାଏ । ଦେବୀ ଭୁବନେଶ୍ୱରୀଙ୍କର ଶକ୍ତି ଉପାସନାରେ ସ୍ୱତନ୍ତ୍ର ସ୍ଥାନ ରହିଛି । ଦେବୀ ଭୁବନେଶ୍ୱରୀଙ୍କ ଆରାଧନା ଭକ୍ତର ସମସ୍ତ ମନୋସ୍କାମନା ପୂରଣ କରିଥାଏ । ଏପରିକି ଭୁବନେଶ୍ୱରୀଙ୍କ କୃପାରୁ ନବଗ୍ରହଙ୍କ ପ୍ରଭାବ ମଧ୍ୟ ହ୍ରାସ ପାଏ । ଭାରତର ବିଭିନ୍ନ ସ୍ଥାନରେ ଦେବୀ ଭୁବନେଶ୍ୱରୀଙ୍କ ଉପାସନା ସ୍ଥଳୀ ରହିଛି । ଆମ ରାଜ୍ୟର ରାଜଧାନୀ ଭୁବନେଶ୍ୱରର ନାମ ଦେବୀ ଭୁବନେଶ୍ୱରୀଙ୍କ ନାମାନୁସାରେ ହୋଇଛି । ଶ୍ରୀଜଗନ୍ନାଥ ମନ୍ଦିର, ତାମିଲନାଡୁର ପୁଡୁକୋଟ୍ଟାଇ, ଶ୍ରୀଲଙ୍କାର ମାନିପଲ୍ଲବମ୍ ଆଦି ସ୍ଥାନରେ ଭୁବନେଶ୍ୱରୀଙ୍କର ପୀଠ ରହିଛି । ଦେବୀ ସମଲେଶ୍ୱରୀ ଏବଂ କଟକ ଚଣ୍ଡୀ ପୀଠରେ ମଧ୍ୟ ଭୁବନେଶ୍ୱରୀଙ୍କ ଉପାସନା କରାଯାଏ ।

## ସଫଳତାର ଚାବିକାଠି

ସାଧାରଣତଃ ଜୀବନରେ ସଫଳତା ପାଇବା ପାଇଁ ବହୁତ ପରିଶ୍ରମ କରିବାକୁ ପଡିଥାଏ । କଠିନ ପରିଶ୍ରମ ବିନା କୌଣସି ସଫଳତା ସିଢି ଚଢି ହୁଏ ନାହିଁ। ସଫଳତା ମିଳିଲେ କେବଳ ଧନ ହିଁ ନୁହେଁ ବ୍ୟକ୍ତିର ଦକ୍ଷତା, ଆତ୍ମବିଶ୍ୱାସ ଏବଂ ଲୋକପ୍ରିୟତା ମଧ୍ୟ ବଢିଥାଏ । ସଫଳତାର ଚାବି କହୁଛି ଯେଉଁମାନେ ଭଲ ଜ୍ଞାନ ଏବଂ ଭଲ ସଂଗତ ଉପରେ ଗମ୍ଭୀର ରୁହନ୍ତି, ସେମାନେ ସର୍ବଦା ସଫଳତା ପାଇଥାନ୍ତି ଏବଂ ସମ୍ମାନ ମଧ୍ୟ ପାଆନ୍ତି । ଯଦି ତୁମେ ଜୀବନରେ ସଫଳ ହେବାକୁ ଚାହୁଁଛ ତେବେ ଏହି ଜିନିଷଗୁଡ଼ିକୁ କେବେ ହେଲେ ଅଣଦେଖା କରନ୍ତୁ ନାହିଁ । ତେବେ ସଫଳତାର ସିଢି ଆପଣାଇବାକୁ ହେଲେ ଜାଣନ୍ତୁ ସେହି ଗୁଡିକ ବିଷୟରେ

**ଯୋଗ୍ୟ ହୁଅ, ସବୁବେଳେ କିଛି ନୂଆ ଶିଖ:**
ସଫଳତାର ଚାବି କହୁଛି ଜୀବନରେ ସଫଳତା ସେହିମାନଙ୍କ ପାଇଁ ଆସିଥାଏ ଯେଉଁମାନେ ସର୍ବଦା ଶିକ୍ଷା ଗ୍ରହଣ କରିବାକୁ ପ୍ରସ୍ତୁତ ଥାନ୍ତି । ଏହିପରି ଭାବରେ ଲୋକମାନେ ସଦା-ସର୍ବଦା କିଛି ନୂଆ ଶିଖନ୍ତି । ଜ୍ଞାନ ଆହରଣ ପାଇଁ ସର୍ବଦା ପ୍ରସ୍ତୁତ ରହିଥାନ୍ତି । କହିବାକୁ ଗଲେ ଶିକ୍ଷା ପାଇବା ପାଇଁ କୌଣସି ବୟସ ନଥାଏ । ଜ୍ଞାନ ଆହରଣ କରିବାକୁ ହେଲେ ଜଣେ ଆତ୍ମବିଶ୍ୱାସ ରହିବା ଆବଶ୍ୟକ । ଯେତେବେଳେ ଜଣେ ବ୍ୟକ୍ତି ସଂପୂର୍ଣ୍ଣ ରୂପେ ସ୍ଥିର ହୁଏ, ସେତେବେଳେ କେହି ତାଙ୍କୁ କିଛି ଶିଖିବାକୁ ଅଟକାଇ ପାରିବେ ନାହିଁ ।

**ରୀତିନୀତି ଏବଂ ସଂଗତ ପ୍ରତି ଧ୍ୟାନ ଦେବାକୁ ନିଶ୍ଚିତ ହୁଅନ୍ତୁ:**
ସଫଳତାର ଚାବି କହେ ଯେ ମୂଲ୍ୟବୋଧ ଏବଂ ସଂଗତର ଭଲ ହେଲେ ଶିକ୍ଷାର ଗୁରୁତ୍ୱ ମଧ୍ୟ ରହିଥାଏ । ସଂସ୍କୃତ ମାଧ୍ୟମରେ ହିଁ ଶିକ୍ଷାକୁ କିପରି ବ୍ୟବହାର କରାଯିବ ସେଥିପାଇଁ ପ୍ରେରଣା ମିଳିଥାଏ । ସଂଗତ ସହ ସଫଳତାର ରାସ୍ତା ସହଜ ହୋଇଯାଏ ।

**ସର୍ବଦା ଭଲ କାର୍ଯ୍ୟ କର:**
ସଫଳତାର ଚାବି କହେ ଯେ ଜଣେ ସର୍ବଦା କଠିନ ପରିଶ୍ରମ କରିବାକୁ ପ୍ରସ୍ତୁତ ହେବା ଉଚିତ୍ । ଉଚିତ୍ ଫଳ ବିଷୟରେ ଚିନ୍ତା କରନ୍ତୁ ନାହିଁ । ଯଦି କାମଟି ଭଲ, ତେବେ ଏହାର ଭଲ ଫଳାଫଳ ମିଳିବ । ମଣିଷର କଲ୍ୟାଣ ପାଇଁ ଜଣେ ସର୍ବଦା ଗମ୍ଭୀର ହେବା ଉଚିତ୍ । ତୁମେ




ଯାହା ବି କାମ କର, ଅନ୍ୟମାନଙ୍କୁ କେତେ ଲାଭ ମିଳିବ ଏହା ଉପରେ ଚିନ୍ତା କରିବା ଉଚିତ୍ ।

**ଏହିସବୁ ଲୋକମାନଙ୍କ ଠାରୁ ଦୂରରେ ରୁହନ୍ତୁ:**
ସଫଳତାର ଚାବି କହୁଛି ଯେ ଜଣେ ତାଙ୍କ ସଂଗତ ପ୍ରତି ଯତ୍ନବାନ ହେବା ଉଚିତ୍ । ଖରାପ ସଂଗତ ହେତୁ ଜଣେ ଦକ୍ଷ ବ୍ୟକ୍ତି ମଧ୍ୟ ନିଜ ପ୍ରତିଭାର ପୂର୍ଣ୍ଣ ଲାଭ ଅନ୍ୟମାନଙ୍କୁ ଦେବାରେ ସକ୍ଷମ ହୁଅନ୍ତି ନାହିଁ । ଏଥିପାଇଁ ଖରାପ ସଂଗତ ସର୍ବଦା ପରିତ୍ୟାଗ କରାଯିବା ଉଚିତ୍ । ଏହି ପ୍ରକାର ବ୍ୟକ୍ତି ସମସ୍ତ ପ୍ରକାର ପ୍ରତିଭାକୁ ନଷ୍ଟ କରିଥାଏ । ବ୍ୟକ୍ତିଙ୍କୁ ଲକ୍ଷ୍ୟରୁ ବିଚ୍ୟୁତ କରେ ।

## ଦୁନିଆରେ ସର୍ବଶ୍ରେଷ୍ଠ ଗୁରୁ

ଜଣେ ରାଜା ଥିଲେ। ତାଙ୍କୁ ଲେଖାପଢାର ଖୁବ ସଉକ ଥିଲା। ଏକଦା ମନ୍ତ୍ରୀ ପରିଷଦଙ୍କ ଜରିଆରେ ସେ ନିଜ ପାଇଁ ଏକ ଗୁରୁଙ୍କ ବ୍ୟବସ୍ଥା କରିବାକୁ ଜଣାଇଲେ। ଗୁରୁ ମଧ୍ୟ ରାଜାଙ୍କୁ ପଢାଇବାକୁ ପ୍ରତିଦିନ ଆସିବାକୁ ଲାଗିଲେ। ମାତ୍ର ରାଜାଙ୍କୁ କୌଣସି ଲାଭ ମିଳିବା ଭଳି ଅନୁଭବ ହେଲା ନାହିଁ। ରାଜା ଖୁବ ଚିନ୍ତିତ ରହିଲେ। ସେ ଗୁରୁଙ୍କ ଯୋଗ୍ୟତା ଓ ପ୍ରତିଭା ଉପରେ ମଧ୍ୟ ପ୍ରଶ୍ନ ଉଠାଇବାକୁ କୁଣ୍ଠା ପ୍ରକାଶ କଲେ, କାରଣ ସେ ଖୁବ ପ୍ରସିଦ୍ଧ ଗୁରୁ ଥିଲେ। ମାତ୍ର ଗୋଟିଏ ଦିନ ରାଣୀ ରାଜାଙ୍କୁ ପରାମର୍ଶ ଦେଇ କହିଲେ, ରାଜା ଆପଣ ଗୁରୁଙ୍କ ଏ ବିଷୟରେ ଥରେ ପଚାରି ଦେଖନ୍ତୁ। ଥରେ ରାଜା ସାହସ କରି ଗୁରୁଙ୍କ ସମ୍ମୁଖରେ ପଚାରିଲେ, ହେ ଗୁରୁଦେବ କ୍ଷମା କରନ୍ତୁ, ମୁଁ ବହୁ ମାସରୁ ଆପଣଙ୍କ ଠାରୁ ଶିକ୍ଷା ଗ୍ରହଣ କରୁଛି। ମାତ୍ର ମତେ କୌଣସି ଲାଭ ମିଳୁ ନାହିଁ, ଏହାର କାରଣ କ'ଣ ? ଗୁରୁଜୀ ଖୁବ ଶାନ୍ତ ସ୍ୱରରେ ଉତ୍ତର ଦେଲେ,



ରାଜା ଏହାର କାରଣ ଖୁବ ସରଳ। ଏହା ଶୁଣି ରାଜା କହିଲେ, ମତେ ଶୀଘ୍ର ଏହାର ଉତ୍ତର ଦିଅନ୍ତୁ ଗୁରୁଦେବ। ଗୁରୁଜୀ କହିଲେ, ରାଜା କଥା ଖୁବ ସରଳ। ମାତ୍ର ଆପଣ ନିଜେ ବଡ଼ ଓ ଅଂହକାର କାରଣରୁ ଏହାକୁ ବୁଝି ପାରୁ ନାହାନ୍ତି। ଯାହା ଫଳରେ ଆପଣ ଚିନ୍ତିତ ଓ ଦୁଃଖୀ ହେଉଛନ୍ତି। ମାନୁଛି ଆପଣ ଜଣେ ବଡ଼ ରାଜା। ବିଭିନ୍ନ ଦୃଷ୍ଟିକୋଣରୁ ଆପଣ ମୋ ଠାରୁ ପଦବୀ, ପ୍ରତିଷ୍ଠାରେ ବଡ଼, ମାତ୍ର ଏଠାରେ ଆପଣଙ୍କର ଓ ମୋର ସମ୍ପର୍କ ହେଉଛି କେବଳ ଗୁରୁ ଓ ଶିଷ୍ୟର। ଗୁରୁ ହେବା ଦୃଷ୍ଟିରୁ ମୋ ସ୍ଥାନ ଆପଣଙ୍କ ଠାରୁ ଉଚ୍ଚରେ ହେବା ଆବଶ୍ୟକ। ମାତ୍ର ଆପଣ ସ୍ୱୟଂ ଉଚ୍ଚ ସିଂହାସନରେ ବସୁଛନ୍ତି ଏବଂ ମତେ ତଳେ ଆସନରେ ବସାଉଛନ୍ତି। ଏହାସହ ମନରେ ମଧ୍ୟ ରାଜା ହେବାର ଅହଂଭାବ ରଖୁଛନ୍ତି। କେବଳ ଏହି କାରଣରୁ ହିଁ ଆପଣଙ୍କୁ କୌଣସି ଶିକ୍ଷା ପ୍ରାପ୍ତି ହେଉ ନାହିଁ କି ଜ୍ଞାନ ପ୍ରାପ୍ତି ହେଉ ନାହିଁ। ଆପଣ ରାଜା ହୋଇଥିବାରୁ ମୁଁ ସିଧାସଳଖ ଏହି କଥା ଜଣାଇ ପାରୁ ନଥିଲି। କାଲି ଠାରୁ ଯଦି ଆପଣ ମତେ ଉଚ୍ଚ ଆସନରେ ବସାଇବା ସହ ସ୍ୱୟଂ ତଳେ ଆସନରେ ବସିବେ ତେବେ ଆପଣଙ୍କ ସମସ୍ୟାର ନିଶ୍ଚୟ ସମାଧାନ ହୋଇଯିବ। ଏହା ଶୁଣି ରାଜାଙ୍କୁ ନିଜର ଭୁଲକୁ ସ୍ୱୀକାର କରିବା ସହ ନିଜ ଭୁଲକୁ ସୁଧାରିଲେ। ଏହାସହ ଗୁରୁଙ୍କ ଠାରୁ ଶିକ୍ଷା ମଧ୍ୟ ପ୍ରାପ୍ତି କଲେ। ଏହି ସୁନ୍ଦର କାହାଣୀର ସାରାଂଶ ହେଉଛି, ଆମେ ନିଜେ ସମ୍ପର୍କ, ପଦବୀ, ଧନବୈଭବ ଯେଉଁଥିରେ ମଧ୍ୟ ଉଚ୍ଚ ସ୍ଥାନରେ ରହିଲେ ମଧ୍ୟ ଗୁରୁଙ୍କୁ ସର୍ବଦା ଉଚ୍ଚରେ ରଖିବା ସହ ତାଙ୍କୁ ଯଥେଷ୍ଟ ସମ୍ମାନ ଦେବା ଉଚିତ। କେବଳ ଉଚ୍ଚ ନୀଚ ଆସନରେ ନୁହେଁ ବରଂ ମନରୁ ମଧ୍ୟ ଗୁରୁଙ୍କୁ ସମ୍ମାନ ଦେବା ନିତାନ୍ତ ଆବଶ୍ୟକ।

## ମୂଳା ଖାଇବାର ଫାଇଦା



ମୂଳା ଖାଇବାକୁ ଭଲ ଲାଗେ ବୋଲି ଅଧିକ ଲୋକ ଖାଆନ୍ତି। କିନ୍ତୁ ଏହାର ଅନେକ ସ୍ୱାସ୍ଥ୍ୟଗତ ଗୁଣ ରହିଛି। ମୂଳା ଖାଇବା ଦ୍ୱାରା ଅନେକ ରୋଗ ମଧ୍ୟ ଦୂର ହୋଇଥାଏ। ଥଣ୍ଡା ଦିନରେ ପ୍ରତିଦିନ ମୂଳା ଖାଇଲେ କଣ କଣ ଲାଭ ମିଳିଥାଏ ଜାଣନ୍ତୁ।

**ପ୍ରତିରୋଧକ କ୍ଷମତା ବୃଦ୍ଧି କରିଥାଏ :** ମୂଳାରେ ବହୁ ମାତ୍ରାରେ ଭିଟାମିନ-ସି ରହିଛି। ଯାହାଫଳରେ ଶୀତ ଦିନରେ ଥଣ୍ଡା କାଶରୁ ରକ୍ଷା ମିଳିଥାଏ। ମୂଳା ଶରୀରରେ ପ୍ରତିରୋଧକ କ୍ଷମତା ବୃଦ୍ଧି କରିଥାଏ। ଶରୀରରେ ଜ୍ୱଳନ ମଧ୍ୟ କମ କରିଥାଏ।

**ରକ୍ତଚାପ ନିୟନ୍ତ୍ରଣ କରିଥାଏ :** ମୂଳା ଶରୀରକୁ ପୋଟାସିୟମ ଯୋଗାଇଥାଏ ଯେଉଁଥିପାଇଁ ରକ୍ତଚାପ ନିୟନ୍ତ୍ରଣ ହୋଇଥାଏ। ଯଦି ହାଇପାରଟେନସନ ସମସ୍ୟା ଥାଏ ତାହେଲେ ମୂଳା ନିଶ୍ଚୟ ଖାଇବା ଉଚିତ। ଆୟୁର୍ବେଦ ଅନୁସାରେ ମୂଳା ରକ୍ତ ଉପରେ ଶୀତଳ ପ୍ରଭାବ ପକାଇଥାଏ।

**ହୃଦୟ ରୋଗରୁ ରକ୍ଷା କରିଥାଏ:** ମୂଳା ଏଂଥୋସାୟନିନର ଏକ ସ୍ରୋତ ଯାହା ଦ୍ୱାରା ହୃଦୟ ଭଲ ଭାବେ କାମ କରିଥାଏ। ପ୍ରତିଦିନ ମୂଳା ଖାଇଲେ ହୃଦୟ ରୋଗ ବିପଦ କମ ହୋଇଥାଏ। ମୂଳାରେ ଫୋଲିକ ଏସିଡ ଓ ଫ୍ଲେବୋନାୟଡ୍ସ ରହିଛି। ଯାହା ଅକ୍ସିଜେନ ମାତ୍ରା ବଢ଼ିଥାଏ ଓ ହୃଦୟ ରୋଗରୁ ରକ୍ଷା କରିଥାଏ।

**ଫାଇବର ସ୍ରୋତ :** ମୂଳାରେ ବହୁ ମାତ୍ରାରେ ଫାଇବର ରହିଛି। ମୂଳା ଖାଇବା ଦ୍ୱାରା ଶରୀରରେ ଫାଇବର ମାତ୍ରା କମିନଥାଏ। ଫାଇବର ମାତ୍ରା ଯୋଗୁଁ ପାଚନ ତନ୍ତ୍ର ଭଲ ଭାବେ କାମ କରିଥାଏ। ମୂଳା ଲିଭର ଓ ଗଲ ବ୍ଲାଡରକୁ ମଧ୍ୟ ସୁରକ୍ଷିତ ରଖିଥାଏ।

**ରକ୍ତ ବାହକକୁ ମଜବୁତ କରିଥାଏ :** ମୂଳାରେ କୋଲୋଜେନ ରହିଛି ଯାହା ମଣିଷ ଶରୀରରେ ରକ୍ତ ବାହକକୁ ମଜବୁତ କରିଥାଏ। ଯାହାଫଳରେ ଆଥେରୋସ୍କ୍ଲେରୋସିସ୍ ଭଳି ଗମ୍ଭୀର ରୋଗ ହେବାର ସମ୍ଭାବନା କମିଯାଇଥାଏ।

**ମେଟାବୋଲିଜିମ୍ ବଢ଼ିଥାଏ :** ମୂଳା ପାଚନ ତନ୍ତ୍ର ପାଇଁ ବହୁତ ଲାଭଦାୟକ। ତାଛଡା ଏସିଡ଼ିଟି, ମୋଟାପଣ, ଗ୍ୟାସ ସମୟ ଓ ବାନ୍ତି ଭଳି ସମସ୍ୟା ମଧ୍ୟ ଠିକ କରିବାରେ ସାହାଯ୍ୟ କରିଥାଏ।

**ତ୍ୱଚା ପାଇଁ ଲାଭଦାୟକ :** ସୁନ୍ଦର ଓ ମସୃଣ ତ୍ୱଚା ପାଇଁ ପ୍ରତିଦିନ ମୂଳା ଜୁସ ପିଇବା ଉଚିତ। ମୂଳାରେ ଭିଟାମିନ-ସି ଓ ଫସଫରସ ଥିବାରୁ ଏହା ତ୍ୱଚାର ରୁଖାପଣ ଦୂର କରିଥାଏ। କେଶରେ ଲଗାଇଲେ ଉପି ସମସ୍ୟା ମଧ୍ୟ ଦୂର ହୋଇଥାଏ ଓ କେଶ ମଜଭୁତ ହୋଇଥାଏ।

**ପୋଷାକ ତତ୍ୱରେ ଭରପୁର:** ନାଲି ମୂଳାରେ ଭରପୁର ମାତ୍ରାରେ ଭିଟାମିନ-ଏ, ଇ, ସି, କେ ଓ ୬, ରହିଛି। ଏଥିରେ ବହୁ ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ, ଫାଇବର, ଜିଙ୍କ, ପୋଟାସିୟମ୍, ଫସଫରସ୍, ମ୍ୟାଗ୍ନେସିୟମ୍, କ୍ୟାଲସିୟମ୍, ଆଇରନ୍ ଏବଂ ମାଙ୍ଗାନିଜ୍ ରହିଛି। ଏହିସବୁ ପୋଷାକ ତତ୍ୱ ଯୋଗୁଁ ଏହା ଶରୀରକୁ ସୁସ୍ଥ ରଖିଥାଏ।

# ରାଜଧାନୀର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ ପାଇଁ ବାଚସ୍ପତିଙ୍କ ଆହ୍ୱାନ

ଭୁବନେଶ୍ୱର,୧୫।୪ (ମହାଭାରତ): ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଛି । ଏହି ଅବସରରେ ଓଡ଼ିଶା ବିଧାନସଭା ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଏକ ମଶାଲ ଶୋଭାଯାତ୍ରା ଲିଙ୍ଗରାଜ ମନ୍ଦିର ଠାରୁ ବାହାରି ବଡ଼େଇ ବାଙ୍କ ଛକ, ମାଉସୀମା, ଶିଶୁଭବନ ଛକ, ରାଜମହଲ, ମାଷ୍ଟର କ୍ୟାଂଟିନ ଦେଇ ପିଏମଜି ଠାରେ ପହଂଚିଥିଲା । ଅଲମ୍ପିୟାନ ଦୂତୀ ଚାନ୍ଦ, ଶୁଭଙ୍କର କୁମାର, ଜିତେନ୍ଦ୍ର ଦାସ, ଅଜୟ ସିଂ ଓ ଶ୍ରୀ ମନୋଜ ମହାପାତ୍ରଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଓ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଷ୍ଠା ଦିବସ ସମାରୋହ ଅବସରରେ ଯୋଗଦେଇଥିବା ମୁଖ୍ୟ ଅତିଥିଙ୍କ ସମେତ ସମ୍ମାନନୀୟ ଅତିଥିମାନେ ବିଧାନ ସୌଧ ସମ୍ମୁଖରେ ଥିବା ରାଜଧାନୀ ଶିଳାନ୍ୟାସ ଫଳକରେ ମାଲ୍ୟାର୍ପଣ କରିଥିଲେ । ମୁଖ୍ୟ ଅତିଥି ଶ୍ରୀମତୀ ପାଢ଼ୀ ପତାକା ଉତୋଳନ କରି ବେସାମରିକ ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ।



ଏହି ପ୍ୟାରେଡ୍ ରେ ମୋଟ ୫୧ଟି ଦଳ ଭାଗ ନେଇଥିଲେ । ଏଥିରେ ମହାବିଦ୍ୟାଳୟ ସ୍ତରୀୟ ପ୍ୟରେଡ୍ ପ୍ରତିଯୋଗିତାରେ ବିଜେବି ସ୍ୱୟଂ ଶାସିତ ମହାବିଦ୍ୟାଳୟ ପ୍ରଥମ, ସୈନିକ ସ୍କୁଲ ଦ୍ୱିତୀୟ ଓ ରାଜଧାନୀ କଲେଜ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିଭଳି ହାଇସ୍କୁଲ ସ୍ତରୀୟ (ଇଂରାଜୀ ମିଡିୟମ୍) ଡିଏଭି ୟୁନିଟ୍-୮ ପ୍ରଥମ, ଡିଏଭି ପୋଖରୀପୁଟ ଓ ଡିଏଭି ଚନ୍ଦ୍ରଶେଖରପୁର ଯୁଗ୍ମ ଭାବେ ଦ୍ୱିତୀୟ ଏବଂ ଓଡ଼ିଏମ୍ ପବ୍ଲିକ୍ ସ୍କୁଲ ଓ ଭେଙ୍କଟେଶ୍ୱର ଇଂରାଜୀ ମିଡ଼ିୟମ୍ ସ୍କୁଲ, ଚନ୍ଦ୍ରଶେଖରପୁର ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିଭଳି ହାଇସ୍କୁଲ ସ୍ତରୀୟ (ଓଡ଼ିଆ ମିଡିୟମ୍) ସ୍ତରରେ ସରକାରୀ ଉଚ୍ଚ ବିଦ୍ୟାଳୟ, ଆଇଆରସି ଭିଲେଜ୍ ପ୍ରଥମ, ସରକାରୀ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୬ ଦ୍ୱିତୀୟ ଓ କ୍ୟାପିଟାଲ୍ ହାଇସ୍କୁଲ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ, ଆଇଆରସି ଭିଲେଜ୍‌ର ବାଳିକା ବିଭାଗ ଯୁଗ୍ମ ତୃତୀୟ ସ୍ଥାନ ହାସଲ କରିଛନ୍ତି। କ୍ୟାପିଟାଲ ହାଇସ୍କୁଲର ବାଳିକା ବିଭାଗ, ମହର୍ଷି କଲେଜ ଅଫ ନ୍ୟାଚୁରାଲ ଲ' ଡେୟାରଡେଭିଲ୍ସ୍, ଓଡ଼ିଶା ସ୍କେଟିଂ ଏକାଡେମୀକୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି । ଅନ୍ୟ ପକ୍ଷରେ ସିଆରପିଏଫ୍ ବ୍ୟାଣ୍ଡ, ୭ମ ବାଟାଲିୟନ୍ ଓଏସ୍‌ଏପି ଓ ସୈନିକ ସ୍କୁଲ ବ୍ୟାଣ୍ଡକୁ ମଧ୍ୟ ପୁରସ୍କୃତ କରାଯିବ ।

୧୯୪୮ମସିହା ଏପ୍ରିଲ ୧୩ ତାରିଖ ଦିନ ଭୁବନେଶ୍ୱରରେ ପ୍ରତିଷ୍ଠା ହୋଇଥିଲା ରାଜଧାନୀ । ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ରାଜଧାନୀ ଫଳକର ଉନ୍ମୋଚନ କରିଥିଲେ । ସେତେବେଳେ ମାତ୍ର ୪୦ ହଜାର ଲୋକଙ୍କ ପାଇଁ ପରିକଳ୍ପନା କରାଯାଇଥିଲା ରାଜଧାନୀ । ମାତ୍ର ଆଜି ତାର କଳେବର ବୃଦ୍ଧି ପାଇଛି । ସଂପ୍ରତି ୧୫ଲକ୍ଷରୁ ଅଧିକ ଲୋକ ଏଠାରେ ବସବାସ କରୁଛନ୍ତି । ଆମ ରାଜଧାନୀ ଭୁବନେଶ୍ୱର ଆଜି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ସବୁ କ୍ଷେତ୍ରରେ ଦେଶର ଯେ କୌଣସି ରାଜଧାନୀଠାରୁ ବହୁ ଉଚ୍ଚରେ ରହିଛି । ଆମ ରାଜଧାନୀର କଳା, ସଂସ୍କୃତି ଐତିହ୍ୟର ସୁରକ୍ଷା କରିବା ସହ ସହରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରି ଗଢିତୋଳିବା ପାଇଁ ମେୟର ଶ୍ରୀମତୀ ସୁଲୋଚନା ଦାସ ଭୁବନେଶ୍ୱରବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ରାଜଧାନୀ ହେଉଛି ରାଜ୍ୟର ମୁଖଶାଳା । ଦେଶବିଦେଶରୁ ପର୍ଯ୍ୟଟକମାନେ ଆକାଶ ପଥରେ ହେଉ କିମ୍ବା ରେଳପଥରେ ପ୍ରଥମେ ଆସି ରାଜଧାନୀରେ ପହଞ୍ଚିଥାନ୍ତି । ମହିମାମଣ୍ଡିତ ଆମ ରାଜଧାନୀର କଳା ଓ ଐତିହ୍ୟ ବେଶ ଗୌରବ ମଣ୍ଡିତ । ଏହି ଗୌରବମୟ ରାଜଧାନୀର ଶ୍ରୀବୃଦ୍ଧି କରିବା ପାଇଁ ରାଜଧାନୀବାସୀଙ୍କୁ ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ଆହ୍ୱାନ ଦେଇଥିଲେ ।

# ସିଜିମାଲିରେ ପୋଲିସ୍ ଆକ୍ରମଣର ନିନ୍ଦା

ଭୁବନେଶ୍ୱର,୧୫।୪ (ମହାଭାରତ): ରାୟଗଡ଼ା ଜିଲ୍ଲାର ସିଜିମାଳି ଅଂଚଳରେ ୭ ଏପ୍ରିଲ ଭୋର ସମୟରେ ଘଟିଥିବା ପୋଲିସ୍ ଦମନ ଉପରେ ସି.ପି.ଆଇ.(ଏମ୍) ଗଭୀର ଚିନ୍ତା ବ୍ୟକ୍ତ କରିବା ସହ ତୀବ୍ର ନିନ୍ଦା କରିଛି । ଭୋର ପ୍ରାୟ ୩ଟା ସମୟରେ ସଶସ୍ତ୍ର ପୋଲିସ୍ ବାହିନୀ କଣ୍ଟାମାଳ ଗାଁକୁ ଘେରାଉ କରି ପ୍ରଥମେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଥିଲେ । ପରେ ଲୁହାବୁହା ଗ୍ୟାସ୍ ପ୍ରୟୋଗ, ଘରଦ୍ୱାର ଭାଙ୍ଗିବା ଓ ବ୍ଲାଙ୍କ ଫାୟାରିଂ ମାଧ୍ୟମରେ ଗ୍ରାମବାସୀଙ୍କୁ ଭୟଭୀତ କରାଯାଇଥିଲା। ଏହି ଆକ୍ରମଣ ସମୟରେ ପୁରୁଷ ଓ ମହିଳାମାନଙ୍କୁ ମାଡ଼ ମରାଯାଇଥିବା ସୂଚନା ମିଳିଛି ଏବଂ ଲୁହାବୁହା ଗ୍ୟାସ୍ ପ୍ରୟୋଗରେ ଗୋଟିଏ ପଶୁର ପ୍ରାଣହାନୀ ଘଟିଥିବା ଖବର ମିଳିଛି । ଏହା ମାନବିକତାକୁ ଲଂଘନ କରୁଛି ଏବଂ ଅତ୍ୟନ୍ତ ନିନ୍ଦନୀୟ।ନିର୍ମମ ଖଣି ଖନନ, ବଳପ୍ରୟୋଗ କରି ଜମି ଅଧିଗ୍ରହଣ, ନିଷ୍ଠୁର ଦମନ ଏବଂ ଅମାନବୀୟ ବିସ୍ଥାପନ ବିରୋଧରେ ପ୍ରତିରୋଧ ସଂଗ୍ରାମ ଆହୁରି ତୀବ୍ର ହେବ ବୋଲି ସି.ପି.ଆଇ.(ଏମ୍) ତରଫରୁ କୁହାଯାଇଛି । ଏହି ପରିସ୍ଥିତିରେ ସି.ପି.ଆଇ.(ଏମ୍) ନିମ୍ନଲିଖିତ ଦାବିମାନ ଉଠାଇଛି । ଧାରା ୧୬୩ (ବି.ଏନ୍.ଏସ୍.) (ପୂର୍ବ ଆଇନ୍‌ର ଧାରା ୧୪୪ ଅନୁଯାୟୀ) ଜାରି ଜନିତ ନିଷେଧାଦେଶ ତୁରନ୍ତ ପ୍ରତ୍ୟାହାର କରାଯାଉ । ଗ୍ରାମସଭାର ଅନୁମତି ବିନା ଖଣି ଖନନ ପ୍ରକ୍ରିୟା ଓ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରୀତା ବନ୍ଦ କରାଯାଉ। ବେଦାନ୍ତ କମ୍ପାନୀ ପାଇଁ ହେଉଥିବା ରାସ୍ତା ନିର୍ମାଣକୁ ତୁରନ୍ତ ବନ୍ଦ କରାଯାଉ । ସିଜିମାଳି ଅଞ୍ଚଳରୁ ପୋଲିସ୍ ମୁତୟନ ପ୍ରତ୍ୟାହାର କରାଯାଉ ଓ ଦମନ ବନ୍ଦ କରାଯାଉ । ଲିଙ୍ଗରାଜ ଆଜାଦ ସମେତ ସମସ୍ତ ଆନ୍ଦୋଳନକାରୀଙ୍କ ଉପରେ ଥିବା ମିଥ୍ୟା ମାମଲା ପ୍ରତ୍ୟାହାର କରି ସେମାନଙ୍କୁ ତୁରନ୍ତ ମୁକ୍ତ କରାଯାଉ । ପେସା ଓ ଜଙ୍ଗଲ ଅଧିକାର ଆଇନକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଉ। ପଞ୍ଚମ ଅନୁସୂଚିତ ଅଞ୍ଚଳରେ ଆଦିବାସୀ ଅଧିକାର ସୁରକ୍ଷା ପାଇଁ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ତୁରନ୍ତ ହସ୍ତକ୍ଷେପ କରନ୍ତୁ।

# ଗ୍ୟାସ କଳାବଜାରୀ, ଉପଭୋକ୍ତା ହନ୍ତସନ୍ତ

ଭୁବନେଶ୍ୱର,୧୫।୪ (ମହାଭାରତ): ମଧ୍ୟପ୍ରାଚୀ ଯୁଦ୍ଧ ପ୍ରଭାବରେ ରାଜ୍ୟରେ ଏଲ୍.ପି.ଜି. ଗ୍ୟାସ୍ ସଙ୍କଟ ସୃଷ୍ଟି ହୋଇଛି । ବଡ଼ ଦୁଃଖ ଓ ପରିତାପର ବିଷୟ ଉପଭୋକ୍ତାମାନେ ବୁକିଙ୍ଗ୍ କରି ମାସ ମାସ ଧରି ରନ୍ଧନଗ୍ୟାସ ପାଉନାହାନ୍ତି । ବ୍ୟାପକ ପରିମାଣରେ ଗ୍ୟାସ୍ କଳାବଜାରୀ ବଡ଼ ସମସ୍ୟା ଭାବେ ଉଭା ହୋଇଛି । ମୁନାଫାଖୋର କଳାବଜାରୀକାରୀ ଗ୍ୟାସ୍ ସିଲିଣ୍ଡର ପିଛା ୩୦୦୦ ଟଙ୍କା କରି ନେଇ ମାଲେମାଲ୍ ହୋଇଥିବାବେଳେ ଯୋଗାଣ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ମଝିରେ ମଝିରେ ବିଳିବିଳି ହୋଇ ଉଠିପଡ଼ି ଖାଲିଥିବା ଗ୍ୟାସ୍ ସିଲିଣ୍ଡର ଗୁଡ଼ିକ ଫଟୋ ଉଠାଇ ଖବରକାଗଜରେ ଛାପି ବାହାଦୂରୀ ନେଇ ସରକାରଙ୍କର ଗେହ୍ଲାପୁଅ ସାଜିଛନ୍ତି ଏବଂ ଗ୍ୟାସ୍ କମ୍ପାନୀ ଡିଲରମାନେ କମ୍ପାନୀ ଗାଡ଼ିରେ ଗ୍ୟାସ୍ ବୋହିନେଇ ଚୋରା ବ୍ୟବସାୟୀମାନଙ୍କୁ ଚାଲାଣ କରି ଭଲଭାବେ ହାତ ଚିକ୍କଣ କରୁଛନ୍ତି । କଳାବଜାରୀ ରୋକିବା ପାଇଁ ସବୁ ପ୍ରଚେଷ୍ଟା କରାଯାଇଛି ବୋଲି ଯୋଗାଣ ବିଭାଗ ଡିଣ୍ଡିମ ପିଟୁଛନ୍ତି । ଫଳ କିନ୍ତୁ ଶୂନ । ସରକାର କହୁଛନ୍ତି ରନ୍ଧନ ଗ୍ୟାସର ସମସ୍ୟା ନାହିଁ । କମ୍ପାନୀ କହୁଛି ପ୍ରବଳ ଗ୍ୟାସ ଆମ ପାଖରେ ମହଜୁଦ୍ ଅଛି । ଚାରି ଦିନ ଭିତରେ ଗ୍ୟାସ୍ ଯୋଗାଇ ଦିଆଯାଉଛି । ଗ୍ୟାସ୍ ଏଜେନ୍ସି ଗୋଦାମ ଆଗରେ ଉପଭୋକ୍ତାମାନେ ଖରାରେ ଲମ୍ବା ଧାଡ଼ି ଲଗାଇ ଘ□ାଘ□ା ଧରି ଛିଡ଼ା ହେବାକୁ ପଡୁଛି । ବୁକିଂ ସହ ଟଙ୍କ ଜମା କରି ଓ.ଟି.ପି. ଆସିବାର ୧୫ଦିନ ବିତିଗଲେ ମଧ ଉପଭୋକ୍ତାଙ୍କୁ ଗ୍ୟାସ ମିଳିପାରୁନାହିଁ । ଉପଭୋକ୍ତାମାନଙ୍କର ଫୋନ୍ ମଧ ଏଜେନ୍ସି ମାନେ ରିସିଭ୍ କରୁନାହାନ୍ତି । ଯଦି ବାଇଚାନ୍ସ ଫୋନ୍ ଲାଗିଗଲା ଉ□ର ମିଳେ, ଗ୍ୟାସ ଡେଲିଭରି ହେଉଛି । ଏଭଳି ଭାବେ ଉପଭୋକ୍ତାମାନଙ୍କ ସହିତ ଲୁଚକାଳି ଖେଳି ଦିନ ଗଡ଼ାଇବା କେତେଦୂର ଯଥାର୍ଥ ? ଶିକ୍ଷାନୁଷ୍ଠାନରେ ମଧ ମଧାହ୍ନଭୋଜନରେ ଘୋର ଅବ୍ୟବସ୍ଥା । ଗ୍ୟାସ ବ୍ୟବହାର ଯୋଗାଣ ପାଇଁ କଡ଼ା ନିୟମ ଥିବାବେଳେ ଗ୍ୟାସଗୁଡ଼ିକୁ କର୍ମକ□ାମାନେ ନିଜ କାମରେ ଲଗାଇ ରୋଷେୟାମାନଙ୍କୁ କାଠ କୋଇଲାରେ ବ୍ୟବସ୍ଥା କରିଛନ୍ତି । ସବୁଠାରୁ ବଡ଼ ଦୟନୀୟ ଭାବେ ଛାତ୍ରଛାତ୍ରୀମାନେ ୫ କେ.ଜି. ଗ୍ୟାସ୍ ଚୁଲା ବ୍ୟବହାର କରୁଥିବା ବେଳେ ଘୋର ସଙ୍କଟରେ ପଡ଼ି ଓଳିଏ ଖାଇ ଓଳିଏ ଉପାସ ମଧ ରହି ହଜାର ହଜାର ଛାତ୍ରଛାତ୍ରୀ ଉର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । କେତେଦିନ ଏ ବ୍ୟବସ୍ଥାରେ ଉପଭୋକ୍ତାମାନେ ରହିବେ ଏବଂ କଳାବଜାରୀକାରୀଙ୍କୁ ରୋକାଯାଇ ପାରିବ ଆଉ ଏଣିକି ବରଦାସ୍ତ କରାଯିବ ନାହିଁ ବୋଲି ଉପଭୋକ୍ତା ମହାସଂଘର ରାଜ୍ୟ ସଭାପତି ଶ୍ରୀଯୁକ୍ତ ଦିଗମ୍ବର ଜେନା ଦୃଢ ଭାବେ ଦାବି କରିଛନ୍ତି । ସାତ ଦିନ ଭିତରେ ସରକାର ଜରୁରୀକାଳୀନ ଭାବେ ନ ଯୋଗାଇବେ ପରିସ୍ଥିତି ଭୟାନକ ହେବ ବୋଲି ସଂଘ ରାଜ୍ୟ ସରକାରଙ୍କୁ ସତର୍କବାଣୀ ଶୁଣାଇଛନ୍ତି ।

# ନାରୀ ଶକ୍ତି ବନ୍ଦନ ଅଧିନିୟମ ସମର୍ଥନରେ ବିଜେପିର ଫଟୋଚିତ୍ର ପ୍ରଦର୍ଶନୀ


ଭୁବନେଶ୍ୱର,୧୫।୪ (ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱରେ ଭାରତବର୍ଷ ଏବେ ସ୍ୱର୍ଣ୍ଣିମ ଯୁଗଆଡ଼କୁ ଅଗ୍ରସର ହେଉଛି। ବିକଶିତ ଭାରତର ସ୍ୱପ୍ନ ସମ୍ପୂର୍ଣ୍ଣ ହେବାକୁ ଯାଉଛି। ଏହି ବିକାଶମୂଳକ କାର୍ଯ୍ୟରେ ମହିଳମାନଙ୍କ ପୂର୍ଣ୍ଣ ଯୋଗଦାନ ରହିବା ପାଇଁ ନାରୀ ଶକ୍ତି ବନ୍ଦନ ଅଧିନିୟମ ଆସିବାକୁ ଯାଉଛି। ଏହି ଅଧିନିୟମ ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ୩୩ ପ୍ରତିଶତ ମହିଳାଙ୍କ ସଂରକ୍ଷଣକୁ ସୁନିଶ୍ଚିତ କରାଇବ। ସମ୍ବିଧାନରେ ଏହି ସଂଶୋଧନ ଭାରତ ଇତିହାସରେ ଏକ ଯୁଗାନ୍ତକାରୀ ପଦକ୍ଷେପ। ଏପ୍ରିଲ ୧୬ରୁ ୧୮ ପର୍ଯ୍ୟନ୍ତ ନାରୀଶକ୍ତି ବନ୍ଦନ ଅଧିନିୟମ ଉପରେ ସଂସଦରେ ସ୍ୱତନ୍ତ୍ର ଅଧିବେଶନ ହେବାକୁ ଯାଉଛି। ଏନେଇ ଦିଲ୍ଲୀର ବିଜ୍ଞାନ ଭବନରେ ଆଜି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ନାରୀ ଶକ୍ତି ବନ୍ଦନ ଅଧିନିୟମ ଉପରେ ଅଭିଭାଷଣ ରଖିଥିଲେ। ଏହି ଅଧିନିୟମ ନାରୀମାନଙ୍କ ଅଧିକାରକୁ ସାବ୍ୟସ୍ତ କରିବ ବୋଲି ସେ କହିଥିଲେ। ରାଜ୍ୟ କାର୍ଯ୍ୟାଳୟରେ ମହିଳା ମୋର୍ଚ୍ଚାର କାର୍ଯ୍ୟକର୍ତା, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସାମାଜିକ କର୍ମୀ, କଲେଜର ଶିକ୍ଷାବିତ୍ ଓ ଛାତ୍ରୀମାନେ ଉପସ୍ଥିତ ରହି ମୋଦିଜୀଙ୍କ ଅଭିଭାଷଣର ସିଧା ପ୍ରସାରଣ ଶୁଣିଥିଲେ। ଏପ୍ରିଲ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ସଂସଦରେ ଏନେଇ ଏକ ସ୍ୱତନ୍ତ୍ର ଅଧିବେଶନ ହେବାକୁ ଥିଲାବେଳେ ଏହାକୁ ସମର୍ଥନ କରି ରାଜ୍ୟ କାର୍ଯ୍ୟାଳୟରେ ବହୁ ସଂଖ୍ୟାରେ ମହିଳାମାନେ ଉପସ୍ଥିତ ରହି ୯୬୬୭୧୭୩୩୩୩ ନମ୍ବରରେ ମିସ୍ କଲ୍ କରିଥିଲେ। ଏହି ଅବସରରେ ନାରୀ କଲ୍ୟାଣ ପାଇଁ ବିଜେପି ସରକାର ଦ୍ୱାରା ଆରମ୍ଭ କରାଯାଇଥିବା ସୁଭଦ୍ରା ଯୋଜନା, ମମତା ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା, ଲକ୍ଷ୍ୟପତି ଦିଦି ଯୋଜନା, ଉଜ୍ଜ୍ୱଳା ଯୋଜନା, ମିଶନ ଶକ୍ତି, ସ୍ୱଚ୍ଛ ଭାରତ ମିଶନ, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, ପ୍ରଧାନମନ୍ତ୍ରୀ ମାତୃବନ୍ଦନ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମହିଳା ଇ-ହାଟ, ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଓଡ଼ିଶାର ମହିୟସୀ ମହିଳାମାନଙ୍କୁ ନେଇ ଫଟୋ ପ୍ରଦର୍ଶନୀ କରାଯାଇଥିଲା। ଏସବୁ ନାରୀ କଲ୍ୟାଣକାରୀ ଯୋଜନା ପାଇଁ ଧନ୍ୟବାଦ ଦେବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା "ଧନ୍ୟବାଦ ମୋଦିଜୀ" ଦସ୍ତଖତ ଅଭିଯାନ ରେ ସହସ୍ରାଧିକ ମା' ଓ ଭଉଣୀ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡା.ଐଶ୍ୱର୍ଯ୍ୟା ବିଶ୍ୱାଳ, ବରିଷ୍ଠ ସମାଜସେବୀ ଶ୍ରୀମତୀ ସବିତା ରାଏ ପ୍ରମୁଖ ଉପସ୍ଥିତ ଥିଲେ।



# ଯୋଜନା ଓ ସଂଯୋଜନ ବିଭାଗରେ ଆଇଏଏସ୍ ଅଧିକାରୀଙ୍କ ପ୍ରଶିକ୍ଷଣ

ଭୁବନେଶ୍ୱର,୧୫।୪ (ମହାଭାରତ): ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ୨୦୨୪ ବ୍ୟାଚ ଓଡ଼ିଶା କ୍ୟାଡରର ୯ ଜଣ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସୋମବାର ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ କାର୍ଯ୍ୟାଳୟ ପରିଦର୍ଶନ କରିବା ଅବସରରେ ସେମାନଙ୍କୁ ବିଭାଗୀୟ କାର୍ଯ୍ୟ ସଂପର୍କରେ ଅବଗତ କରାଯାଇଛି ।ସେମାନଙ୍କ ପାଇଁ ଉଦ୍ଦିଷ୍ଟ ୧ ବର୍ଷିଆ ବିସ୍ତୃତ ପ୍ରଶିକ୍ଷଣରଏହା ଅଂଶ ବିଶେଷଥିଲା । ପ୍ରଶିକ୍ଷାର୍ଥୀମାନେ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ମାଧ୍ୟମରେ ପ୍ରଶିକ୍ଷଣ ନେଇ ରାଜ୍ୟର ବିଭିନ୍ନ ବିଭାଗ, ଜିଲ୍ଲା କାର୍ଯ୍ୟାଳୟ,ସଂସ୍ଥା ଓ କମିଶନ କାର୍ଯ୍ୟାଳୟରେ ପ୍ରଶାସନିକ କାର୍ଯ୍ୟ ଅଭିଜ୍ଞତା ହାସଲ କରିବା ଏହି ପ୍ରଶିକ୍ଷଣର ମୂଳ ଉଦ୍ଦେଶ୍ୟ ଥିଲା ।

ଏହି ପ୍ରତ୍ୟକ୍ଷ ଅନୁଭୂତିର ଅଂଶ ସ୍ୱରୂପ ପ୍ରଶିକ୍ଷଣରେ ଥିବା ଏହି ସମସ୍ତ ଅଧିକାରୀମାନେ ଆଜି ଯୋଜନା ଓ ସଂଯୋଜନ ବିଭାଗରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶା ଶ୍ରୀ ଦେଓରଞ୍ଜନ କୁମାର ସିଂହଙ୍କୁ ସାକ୍ଷାତ କରିଥିଲେ । ଉନ୍ନୟନ କମିଶନରଙ୍କ ସହ ପାରସ୍ପରିକ ଆଲୋଚନାରେ ପ୍ରଶିକ୍ଷାର୍ଥୀମାନେ ରାଜ୍ୟର ଯୋଜନା ପଦ୍ଧତି,କନଭର୍ଜେନ୍ସ ରଣନୀତି ଏବଂ ପ୍ରମୁଖ ବିକାଶମୂଳକ ପଦକ୍ଷେପଗୁଡ଼ିକ ସମ୍ପର୍କରେ ଅବଗତ ହୋଇଥିଲେ ।ପ୍ରଶିକ୍ଷଣ ଅବସରରେ ଏହି ଆଇଏଏସ ଅଧିକାରୀମାନଙ୍କୁ ଯୋଜନା ଓ ସଂଯୋଜନ ବିଭାଗର କାର୍ଯ୍ୟ ସଂପର୍କରେ ସୂଚନା ଦିଆଯାଇଥିଲା । ତତ୍ ସହିତ ରାଜ୍ୟର ବିତୀୟ ସ୍ଥିତି, ରାଜ୍ୟ ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟା, ରାଜ୍ୟ ବଜେଟ୍‌ରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା, ରାଜ୍ୟର ଦୂରଦୃଷ୍ଟି ସଂପନ୍ନ ଭିଜନ ଡକ୍ୟୁମେଂଟ "ବିକଶିତ ଓଡ଼ିଶା ୨୦୩୬" ଏବଂ "ବିକଶିତ ଭାରତ ୨୦୪୭" ଅଭିମୁଖ୍ୟ ଏବଂ "୩୬ ପାଇଁ ୩୬" ପ୍ରମୁଖ ପଦକ୍ଷେପ ସଂପର୍କରେ ପ୍ରଶିକ୍ଷାର୍ଥୀମାନଙ୍କ ସହ ଆଲୋଚନା କରାଯାଇଥିଲା । ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡଃ. ନନ୍ଦ ଅର୍ଥନୈତିକ ସର୍ବେକ୍ଷଣ ଏବଂ ଦେଶ ତଥା ରାଜ୍ୟର ପରିସଂଖ୍ୟାନ ବ୍ୟବସ୍ଥା ସଂପର୍କରେ ଉପସ୍ଥାପନ କରିଥିଲେ। ନବ ନିଯୁକ୍ତ ଏହିଅଧିକାରୀମାନଙ୍କ ପ୍ରାରମ୍ଭିକ ପର୍ଯ୍ୟାୟ ପ୍ରିଶିକ୍ଷଣ( ଇଣ୍ଡକ୍ସନ୍ ଟ୍ରେନିଂ) ଚଳିତ ମାସ ଏପ୍ରିଲ ୨୪ ତାରିଖରେ ଶେଷ ହେବାକୁ ନିର୍ଦ୍ଧାରିତ ଥିବା ବେଳେ ଏହା ପରେ, ଟ୍ରେନି ଅଧିକାରୀମାନେ ନୂଆ ଦିଲ୍ଲୀରେ ସହାୟକ ସଚିବ ପଦବୀ ସମ୍ବନ୍ଧୀୟ ପ୍ରଶିକ୍ଷଣ ନେଇ ପରେ ପରେ ଲାଲ୍ ବାହାଦୁର ଶାସ୍ତ୍ରୀ ଜାତୀୟ ପ୍ରଶାସନିକ ଏକାଡେମୀକୁ ଅତିରିକ୍ତ ଟ୍ରେନିଂ ପାଇଁ ଯିବେ ।



# ଭର୍ଥାନା ଫୁଏଲ ଓଡ଼ିଶାର ସ୍ଥିର ଶିକ୍ଷା ବିପ୍ଳବ

ଭୁବନେଶ୍ୱର,୧୫।୪ (ମହାଭାରତ): ନୀତି କରିଡର ଏବଂ ସହରୀ ହେଡଲାଇନ୍ ଠାରୁ ଦୂରରେ, ଓଡିଶାର ଶିକ୍ଷା କାହାଣୀ ଶ୍ରେଣୀଗୃହ ଦ୍ୱାରା ପୁନଃ ଲିଖନ କରାଯାଉଛି, ଯେହେତୁ ସ୍ୱଳ୍ପ ଏବଂ ମଧ୍ୟବିତ ପରିବାରକୁ ସେବା କରୁଥିବା ସୁଲଭ ଘରୋଇ ବିଦ୍ୟାଳୟଗୁଡ଼ିକ ସେମାନଙ୍କର ଭିର୍ତିଭୂମି ଏବଂ କାର୍ଯ୍ୟକୁ ଠିକ ସମୟରେ ଆର୍ଥିକ ସହାୟତା ସହିତ ଦୃଢ଼ କରନ୍ତି । ଗତ ଦଶନ୍ଧି ମଧ୍ୟରେ ଓଡିଶା ସ୍କୁଲ ନାମଲେଖାରେ ସ୍ଥିର ଅଗ୍ରଗତି ରେକର୍ଡ କରିଛି। ରାଜ୍ୟ ଶିକ୍ଷା ତଥ୍ୟ ସୂଚିତ କରେ ଯେ ପ୍ରାଥମିକ ସ୍ତରରେ ମୋଟ ନାମଲେଖା ୯୫% ରୁ ଅଧିକ ଅଟେ । ତଥାପି, ଶିକ୍ଷକମାନେ କହିଛନ୍ତି ଯେ ଏକାକୀ ପ୍ରବେଶ ପର୍ଯ୍ୟାପ୍ତ ନୁହେଁ, କାରଣ ଅନେକ ବିଦ୍ୟାଳୟରେ ଭିର୍ତିଭୂମି ଅଭାବ, କାର୍ଯ୍ୟର ପୁଞ୍ଜି ଅଭାବ, ଶିକ୍ଷକ ଅଭାବ ଏବଂ ବୃହତ ପରିମାଣରେ ସ୍ଥାୟୀ କ୍ଷମତା ସୀମିତ ରହିଛି। ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷା କେନ୍ଦ୍ରିତ ରଣଦାତା ଭର୍ଥାନା ରାଜ୍ୟରେ ନିଜର ସମର୍ଥନ ବଢ଼ାଇଛନ୍ତି । କମ୍ପାନୀ ବର୍ତମାନ ଓଡିଶାର ୧,୨୬୦ ସୁଲଭ ଘରୋଇ ବିଦ୍ୟାଳୟକୁ ସମର୍ଥନ କରୁଛି, ଯାହା ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ନିକଟରେ ପହଂଚିଛି। ଓଡ଼ିଶାରେ ପ୍ରବେଶ କରିବା ପରଠାରୁ ଭର୍ଥାନା ଶିକ୍ଷା-କେନ୍ଦ୍ରିତ ରଣରେ ୫୨୪ କୋଟିରୁ ଅଧିକ ଅର୍ଥ ପ୍ରଦାନ କରି ଜିଲ୍ଲାମାନଙ୍କରେ ଏକ ବ୍ୟାପକ ଉପସ୍ଥିତି ସୃଷ୍ଟି କରିଛି। ଏହି ବିଦ୍ୟାଳୟଗୁଡ଼ିକ ମଧ୍ୟରୁ ଅଧିକାଂଶ ୬୦୦ ରୁ ୧,୨୦୦ ମଧ୍ୟରେ ମାସିକ ଫି ଆଦାୟ କରି ସ୍ୱଳ୍ପ ଆର୍ଥିକ ବଫର୍ ସହିତ କାର୍ଯ୍ୟ କରନ୍ତି। ଏହିପରି ସେଟିଂସମୂହରେ, ସ୍ୱଳ୍ପ ମିଆଦି ନଗଦ ପ୍ରବାହ ବ୍ୟାଘାତ ମଧ ଶିକ୍ଷକଙ୍କ ବେତନକୁ ବିଳମ୍ବ କରିପାରେ, ଭିର୍ତିଭୂମି ଉନ୍ନୟନକୁ ବନ୍ଦ କରିପାରେ ଏବଂ ଶ୍ରେଣୀଗୃହ ଶିକ୍ଷାକୁ ବାଧା ଦେଇପାରେ। ଭର୍ଥାନାର ଆର୍ଥିକ ସହାୟତା ବିଦ୍ୟାଳୟଗୁଡ଼ିକୁ ଶ୍ରେଣୀଗୃହର ସମ୍ପ୍ରସାରଣ, ପରିମଳ ସୁବିଧା ଏବଂ ବିଦ୍ୟୁତ୍ ସମର୍ଥିତ ଶିକ୍ଷଣ ପରିବେଶରେ ବିନିଯୋଗ କରିବାରେ ସକ୍ଷମ କରିଛି ଏବଂ କାର୍ଯ୍ୟର ପୁଞ୍ଜି ସହାୟତା ମାଧ୍ୟମରେ ଦିନକୁ ଦିନ ସ୍ଥିରତାକୁ ମଧ ଦୃଢ଼ କରୁଛି। ରଣଦାତା ଦ୍ୱାରା ସମର୍ଥିତ ବିଦ୍ୟାଳୟଗୁଡ଼ିକ ଶିକ୍ଷକଙ୍କ ସ୍ଥିରତାର ଉନ୍ନତି ବିଷୟରେ ଜଣାଇଛନ୍ତି, ଠିକ୍ ସମୟରେ ଦରମା ଦେୟ ଏବଂ ଉନ୍ନତ କାର୍ଯ୍ୟକ୍ଷମ ଯୋଜନା ଦ୍ୱାରା ପରିଚାଳିତ। ରାଜ୍ୟରେ ଏହାର ଫୁଟପ୍ରିଟର ଏକ ଅଂଶ ଭାବରେ, ଭର୍ଥାନା ଓଡିଶାର ୪୦୦+ ପିନ୍ କୋଡ୍ ମଧ୍ୟରେ ୭୦୦+ ବିଦ୍ୟାଳୟକୁ ସମର୍ଥନ କରିଛି, ଉପଲବ୍ଧ ପ୍ରଭାବ ସୂଚକାଙ୍କ ଅନୁଯାୟୀ ଶିକ୍ଷଣ ଫଳାଫଳକୁ ସାମ୍ନା ନକରି ଶିକ୍ଷାନୁଷ୍ଠାନଗୁଡ଼ିକୁ ନାମଲେଖା କ୍ଷମତାକୁ ବୃଦ୍ଧି କରିବାରେ ସାହାଯ୍ୟ କରିଛି।

# ରାଉରକେଲାରେ ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ଷ୍ଟୋର

ରାଉରକେଲା,୧୫।୪ (ମହାଭାରତ): ଭାରତରେ ସୁନା କିଣିବାର ସବୁଠାରୁ ଶୁଭ ଅବସର ଅକ୍ଷୟ ତୃତୀୟା ପୂର୍ବରୁ,ଲ ବର୍ଷର ସବୁଠାରୁ ଅର୍ଥପୂର୍ଣ୍ଣ ମୁହୂର୍ତ୍ତରେ ରାଉରକେଲାରେ ପାଦ ଦେଇ ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ସହରରେ ତାହାର ପ୍ରଥମ ଷ୍ଟୋରର ଭବ୍ୟ ଶୁଭାରମ୍ଭ କରିଛି। ସୂକ୍ଷ୍ମ ଅଳଙ୍କାର କାରିଗରୀରେ ୮୭ ବର୍ଷର ଏକ ପରମ୍ପରା ସହିତ ଏହି ବ୍ରାଣ୍ଡ ରାଉରକେଲାକୁ କେବଳ ଡିଜାଇନର ଏକ ବୃହତ ଚୟନ ନୁହେଁ, ବରଂ ସ୍ଥାୟୀ ବିଶ୍ୱାସ, ସାଧୁତା ଏବଂ ଡିଜାଇନର ଶ୍ରେଷ୍ଠତାର ଆଶ୍ୱାସନା ମଧ ଆଣିଛି। ଯେହେତୁ ପରିବାର ଗୁଡ଼ିକ ପାର୍ବଣ ଋତୁ ପାଇଁ ପ୍ରସ୍ତୁତ ହେଉଛନ୍ତି, ଏହି ଷ୍ଟୋର ଏକ ପରିଶୀଳିତ ଗନ୍ତବ୍ୟସ୍ଥଳ ପ୍ରଦାନ କରୁଛି ଯାହା ପରମ୍ପରା, ଆଧୁନିକତା ଏବଂ ସେନକୋର ନିର୍ଭରଯୋଗ୍ୟ ଗୁଣବତାର ସୁନ୍ଦର ମିଶ୍ରଣ କରୁଛି। ଏହି ଶୁଭାରମ୍ଭ ଉତ୍ସବଟି ବହୁତ ଶୈଳୀରେ ପାଳିତ ହୋଇଥିଲା ଯେଉଁଥିରେ ପରିଚାଳନା ନିର୍ଦ୍ଦେଶକ ଏବଂ ପ୍ରତିଷ୍ଠାତା ଶ୍ରୀ ଶୁଭଙ୍କର ସେନ ଏବଂ ଅଭିନେତ୍ରୀ ଭୂମି ପେଡନେକର ଉପସ୍ଥିତ ରହି ଏହି ଅବସରରେ ପାର୍ବଣର ଚମକ ଭରିଦେଇଥିଲେ।

# କିଟ୍ ଓ କିସ୍ ପକ୍ଷରୁ ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର,୧୫।୪ (ମହାଭାରତ): ଏପ୍ରିଲ ୧୮ତାରିଖରେ କିଟ୍‌ରେ ଅନୁଷ୍ଠିତ ହେବାକୁ ଥିବା ୬୧ତମ ଫେମିନା ମିସ୍ ଇଣ୍ଡିଆ ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଦେଶବ୍ୟାପୀ ୩୦ ଜଣ ରାଜ୍ୟ ବିଜେତା ଆଜି କ୍ୟାମ୍ପସରେ ପହଞ୍ଚିବା ପରେ ସେମାନଙ୍କୁ କିଟ୍ ଓ କିସ୍ ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଫେମିନା ମିସ୍ ଇଣ୍ଡିଆ ୨୦୨୪ ନିକିତା ପରୱାଲ୍, କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିଟ୍ ଆର୍କିଟେକଚର ସ୍କୁଲ୍‌ର ମହାନିର୍ଦ୍ଦେଶକ ଏସ ଏସ୍ ରାୟ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଏଭଳି ଏକ ମର୍ଯ୍ୟାଦାଜନକ କାର୍ଯ୍ୟକ୍ରମ କିଟ୍ କ୍ୟାମ୍ପସରେ ଆୟୋଜନ କରାଯାଉଥିବାରୁ ଏହା ଓଡ଼ିଶା ପାଇଁ ଗର୍ବର ବିଷୟ। ଦେଶର ପୂର୍ବାଞ୍ଚଳରେ ଏଭଳି କାର୍ଯ୍ୟକ୍ରମ ପ୍ରଥମ ଥର ପାଇଁ ଏକ ବିଶ୍ୱବିଦ୍ୟାଳୟରେ ଆୟୋଜନ କରାଯାଉଛି। ଓଡ଼ିଶା ପର୍ଯ୍ୟଟନ ବିଭାଗ ସହମତି କ୍ରମେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତ ଆୟୋଜନ କରିଛନ୍ତି। ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗିତା ଭାରତରେ ଆୟୋଜିତ ହେଉଥିବା ପ୍ରସିଦ୍ଧ ସୁନ୍ଦରୀ ପ୍ରତିଯୋଗିତା ମଧ୍ୟରୁ ଅନ୍ୟତମ। ଏହି ପ୍ରତିଯୋଗିତା ନିଜ ନିଜ ରାଜ୍ୟରେ କରାଇବା ପାଇଁ ବିଭିନ୍ନ ରାଜ୍ୟ ପ୍ରତିଦ୍ୱନ୍ଦ୍ୱିତା କରିଥାନ୍ତି। ଖୁସିର କଥା ପ୍ରଥମ ଥର ପାଇଁ ଏହି ପ୍ରତିଯୋଗିତା ଓଡ଼ିଶା ଆସିଛି। ଏହି ପ୍ରତିଯୋଗିତା ଜରିଆରେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର ପାଇଁ ସୁବନ୍ଦୋବସ୍ତ କରାଯାଇଛି। ଗ୍ରାଣ୍ଡ ଫିନାଲେ ଆୟୋଜନ ପର୍ଯ୍ୟନ୍ତ ୭ଦିନ ବ୍ୟାପୀ ଏହି ଯୁବ ଅଂଶଗ୍ରହଣକାରୀମାନେ କିଟ୍ ଓ କିସ୍‌ରେ ଦୀର୍ଘ ସମୟ ଅତିବାହିତ କରିବେ। କିଟ୍ ଓ କିସ୍ କ୍ୟାମ୍ପସ ପରିଦର୍ଶନ କରିବା ସହ ଛାତ୍ରଛାତ୍ରୀଙ୍କୁ ସହ ଭାବ ବିନିମୟ କରିବେ। ଏହା ବ୍ୟତୀତ ସେମାନେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ଅନୁଭବ କରିବା ପାଇଁ ପୁରୀ, କୋଣାର୍କ ସୂର୍ଯ୍ୟ ମନ୍ଦିର ଏବଂ ଚନ୍ଦ୍ରଭାଗା ବେଳାଭୂମି ମଧ ପରିଦର୍ଶନ କରିବେ। ପୁରୀ ବେଳାଭୂମି ଓ ଭୁବନେଶ୍ୱରର ମୁକ୍ତେଶ୍ୱର ମନ୍ଦିରରେ ସେମାନେ ହେରିଟେଜ୍ ୱାକ୍ କରିବେ। ଏହି ପ୍ରତିଯୋଗୀମାନେ ସମ୍ପୂର୍ଣ୍ଣ ଓଡ଼ିଆ ପରମ୍ପରାରେ ଓଡ଼ିଆ ନବବର୍ଷ ପାଳନ କରିବେ।

# କୋକା-କୋଲା ଇଣ୍ଡିଆ ସହ ଦିଲଜିତ ଦୋସାଞ୍ଜ ଏବଂ ଜାହ୍ନବୀ କପୁର ଯୋଡ଼ି

ଭୁବନେଶ୍ୱର,୧୫।୪ (ମହାଭାରତ): କୋକା-କୋଲା ଆଜି ଦିଲଜିତ୍ ଦୋସାଞ୍ଜ ଏବଂ ଜାହ୍ନବୀ କପୁରଙ୍କୁ ନେଇ ଏକ ନୂତନ ଅଭିଯାନର ଘୋଷଣା କରିଛି, ଯାହା ଦୈନନ୍ଦିନ ଜୀବନର ସାଧାରଣ ମୁହୂର୍ତ ଗୁଡ଼ିକରେ 'କୋକା-କୋଲା ହାଫ୍‌ଟାଇମ'ର ଧାରଣାକୁ ଜୀବନ୍ତ କରିବ। ଏହି ଚିନ୍ତାଧାରାଟି ସେହି ବିଶ୍ୱାସ ଉପରେ ଆଧାରିତ ଯେ ହାଫ୍‌ଟାଇମ କେବଳ ଦିନଟିକୁ କିଛି ସମୟ ପାଇଁ ଅଟକାଇବା ଉଚିତ୍ ନୁହେଁ ବରଂ ଏହା ଆପଣଙ୍କୁ ପୁଣି ଥରେ ସଜାଗ କରିବା ଉଚିତ୍। ନିଜର ସ୍ୱାଦିଷ୍ଟ ଏବଂ ସତେଜ ଅନୁଭୂତି ସହିତ କୋକା-କୋଲା ଏକ ମାନସିକ ଶାନ୍ତି ପ୍ରଦାନକାରୀ ବିରତିର ଭୂମିକା ଗ୍ରହଣ କରେ, ଯାହା ଦୈନନ୍ଦିନ ଅନୁଭୂତି ମଧ୍ୟରେ ଉଷ୍ମତା ଏବଂ ସମ୍ପର୍କ ସୃଷ୍ଟି କରିଥାଏ।ଏହା ଏକ ସରଳ ତଥା ସହଜ ରୀତିରେ ପରିଣତ ହୁଏ– ଏକ ଛୋଟ ଅଥଚ ପ୍ରଭାବଶାଳୀ ହାଫଟାଇମ, ଯାହା ଲୋକଙ୍କୁ ବର୍ତମାନରେ ରହିବାକୁ, ଆଖପାଖର ଲୋକଙ୍କ ସହ ଅଧିକ ନିବିଡ଼ ହେବାକୁ ଏବଂ ନିଜ ପରିବେଶ ସହିତ ଯୋଡ଼ି ହେବାକୁ ସାହାଯ୍ୟ କରେ। କାର୍ତିକ ସୁବ୍ରମଣ୍ୟମ, ବରିଷ୍ଠ ନିର୍ଦ୍ଦେଶକ, ମାର୍କେଟିଙ୍ଗ, କୋକା-କୋଲା ଇଣ୍ଡିଆ ଆଣ୍ଡ ସାଉଥୱେଷ୍ଟ ଏସିଆ କହିଛନ୍ତି, "ଆଜିର ଗ୍ରାହକ ମାନେ ପୂର୍ବ ଅପେକ୍ଷା ବହୁ ବ୍ୟସ୍ତବହୁଳ ଜୀବନ ବିତାଉଛନ୍ତି।

# ଭାରତର ରପ୍ତାନୀ ବୃଦ୍ଧି

୨୦୨୬-୨୭ରେ ଅଭିବୃଦ୍ଧି ହାର ୬.୮ରୁ ୭.୨ ପ୍ରତିଶତ ରହିବ ବୋଲି ସର୍ଭେ ରିପୋର୍ଟରେ ପୂର୍ବାନୁମାନ କରାଯାଇଛି। ଯଦି ଏହି ହାରରେ ଅଭିବୃଦ୍ଧି ଜାରି ରହେ ତେବେ ୨୦୩୦ ସୁଦ୍ଧା ଭାରତ ଜର୍ମାନୀକୁ ପଛରେ ପକାଇ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବ ବୋଲି ଆଶା କରାଯାଇପାରେ। କିନ୍ତୁ ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଦେଶର ଅଭିବୃଦ୍ଧି ହାର ପ୍ରଭାବିତ ହେବ ଏବଂ ଏହା ପୂର୍ବାନୁମାନଠାରୁ ସାମାନ୍ୟ କମ ରହିବ ବୋଲି ଅନୁମାନ କରାଯାଉଛି। ତେଣୁ ଭାରତ ଶୀଘ୍ର ତୃତୀୟ ବୃହତ୍ତମ ଅର୍ଥନୀତି ହେବ ବୋଲି ଆଶା ନୈରାଶ୍ୟରେ ପରିଣତ ହୋଇପାରେ। ଏକଥା ସତ ଯେ ଖାଲି ତୃତୀୟ ବୃହତ୍ତମ ଅର୍ଥନୀତି ହେଲେ ହେବ ନାହିଁ, ଭାରତର ମୁଣ୍ଡ ପିଛା ଆୟ ମଧ୍ୟ ବୃଦ୍ଧି ପାଇବା ଜରୁରୀ। ଏକଥା ସତ୍ୟ ଯେ, ଭାରତରେ ମୁଣ୍ଡପିଛା ଆୟ ନିୟମିତ ଭାବେ ବଢୁଛି। କିନ୍ତୁ ଦେଶର ଜନସଂଖ୍ୟା ଏତେ ଅଧିକ ଯେ, ଅଭିବୃଦ୍ଧି ହାର ବଢ଼ିଲେ ମଧ୍ୟ ମୁଣ୍ଡପିଛା ଆୟ ବୃଦ୍ଧି ଖୁବ କମ ରହୁଛି। ଅର୍ଥନୈତିକ ସର୍ଭେ ରିପୋର୍ଯରେ ଦେଶରେ ନିଯୁକ୍ତି ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏହା ସହିତ ଭିତ୍ତିଭୂମି ବିକାଶ ଏବଂ କୃଷି ଉତ୍ପାଦନ ବୃଦ୍ଧି ଜରୁରୀ ବୋଲି ରିପୋର୍ଟରେ ଦର୍ଶାଯାଇଛି। ସ୍ୱାଧୀନତା ପରେ ଭାରତର ଖାଦ୍ୟ ଉତ୍ପାଦନ ଅନେକାଂଶରେ ବଢ଼ିଛି। କିନ୍ତୁ ସେହି ଅନୁପାତରେ ଜନସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ଏହା ସତ୍ତ୍ୱେ ଗହମ,ଚାଉଳ ଆଦି ଅନେକ ପ୍ରମୁଖ ଶସ୍ୟ ଉତ୍ପାଦନରେ ଭାରତ ସ୍ୱାବଲମ୍ବୀ ହୋଇପାରିଛି। ଏଥିପାଇଁ ଆଉ ବିଦେଶ ଉପରେ ନିର୍ଭର କରିବାକୁ ପଡୁନି। କିନ୍ତୁ ଡାଲି ଜାତୀୟ ଫସଲ, ତୈଳବୀଜ ଉତ୍ପାଦନରେ ଭାରତ ଏବେ ବି ପଛରେ ପଡ଼ିଛି। ଏଥିପାଇଁ ବିଦେଶରୁ ପ୍ରଚୁର ପରିମାଣର ଡାଲି ଏବଂ ତେଲ ଆମଦାନୀ କରିବାକୁ ପଡୁଛି। ଏ କ୍ଷେତ୍ରରେ ଅଧିକ ପ୍ରୟାସ ଏବଂ ନିବେଶର ଆବଶ୍ୟକତା ରହିଛି। ଅର୍ଥନୈତିକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱ ଅର୍ଥନୀତିରେ ମାନ୍ଦାବସ୍ଥା ସତ୍ତ୍ୱେ ଭାରତ ଏହାର ଦୃଢ଼ ମୁକାବିଲା କରିପାରିଛି ଏବଂ ଏଥିରେ ସଫଳତା ହାସଲ କରିଛି। ଏହାର କାରଣ ହେଲା ଖାଦ୍ୟ ଶସ୍ୟ ଉତ୍ପାଦନରେ ଆମେ ଅନେକାଂଶରେ ସ୍ୱାବଲମ୍ବୀ ହୋଇପାରିଛୁ ଏବଂ ଆମର ଆଭ୍ୟନ୍ତରୀଣ ବଜାର ବେଶ ବୃହତ ଏବଂ ସୁଦୃଢ଼। ୨୦୨୦ରୁ କୋଭିଡ ମହାମାରୀ ଏବଂ ପରେ ପରେ ତିନି ତିନିଟି ଯୁଦ୍ଧ ଯୋଗୁ ବିଶ୍ୱ ଅର୍ଥନୀତିରେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦% ଟାରିଫ ଲାଗୁ କରିଛନ୍ତି। ଏହାର ବିଶେଷ ପ୍ରଭାବ ଭାରତ ଉପରେ ଏ ଯାବତ ପଡ଼ିନାହିଁ। ଟ୍ରମ୍ପଙ୍କ ଟାରିଫ ପ୍ରଭାବକୁ ପ୍ରତିହତ କରି ଭାରତ ଅଭିବୃଦ୍ଧି ହାରକୁ ୭ ପ୍ରତିଶତ ଉପରେ ବଜାୟ ରଖିପାରିଛି। ଏହା ଏକ ଉଲ୍ଲେଖନୀୟ ସଫଳତା। ଏଥର ଉତ୍ତମ ମୌସୁମୀ ପ୍ରବାହ ଯୋଗୁ ଖରିଫ ଫସଲ ଉତ୍ପାଦନ ବଢ଼ିଛି। ତେଣୁ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଭିତରେ ରହିଛି। କିନ୍ତୁ ପାଣିପାଗ ସବୁ ବେଳେ ସମାନ ନଥାଏ। ଆଗକୁ ପ୍ରତିକୂଳ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇପାରେ। ଏଥିପାଇଁ ଦୀର୍ଘସୂତ୍ରୀ ଯୋଜନା ପ୍ରସ୍ତୁତ ହେବା ଉଚିତ। ପ୍ରତିକୂଳ ପରିସ୍ଥିତି ସହ ଖାପ ଖୁଆଇ ଆମେ ଆଗକୁ ବଢ଼ିଲେ ହିଁ ପ୍ରକୃତ ବିକାଶ ସମ୍ଭବ ହୋଇପାରିବ। ପ୍ରତ୍ୟେକ କ୍ଷେତ୍ରରେ ଆମକୁ ସ୍ୱାବଲମ୍ବୀ ହେବାକୁ ପଡ଼ିବ। ଶିଳ୍ପ, କୃଷି, ପର୍ଯ୍ୟଟନ, ଭିତ୍ତିଭୂମି ବିକାଶ ହିଁ ଆମ ବିକାଶର ମୂଳଭିତ୍ତି ଏବଂ ଏହା ମାଧ୍ୟମରେ ନିଯୁକ୍ତି ସୁଯୋଗ ମଧ୍ୟ ବଢ଼ିବ। ଜିଏସଟି ସଂସ୍କାର ପରେ ଭାରତର ରାଜସ୍ୱ ସଂଗ୍ରହ ବଢ଼ିଛି। ଚଳିତ ବର୍ଷ ଆର୍ଥିକ ନିଅଣ୍ଟ ଜିଡିପିର ୪.୪ ପ୍ରତିଶତରେ ସୀମିତ ରହିବ ବୋଲି ଆଶା କରାଯାଉଛି। କିଛି ପ୍ରମୁଖ ରାଷ୍ଟ୍ର ସହ ଭାରତ ଇତିମଧ୍ୟରେ ନୂଆ ବାଣିଜ୍ୟ ଚୁକ୍ତି କରିଛି। ଏହା ଭାରତର ରପ୍ତାନୀ ବୃଦ୍ଧି ସହ ଫୋରେକ୍ସ ରିଜର୍ଭ ବୃଦ୍ଧିରେ ସହାୟକ ହେବ ବୋଲି ଆଶା କରାଯାଉଛି।

# ଶିବ ଧର୍ମ

**॥ ଡଃ.ଅରୁନ୍ଧତୀ ଦେବୀ ॥**

> “ ଶିବପୂଜାର ଅର୍ଥ, ପୁଷ୍ପ, ଚନ୍ଦନ, ବିଲ୍ୱପତ୍ର ଅର୍ପଣ କରିବା ସଙ୍ଗେ ସଙ୍ଗେ ଶିବନାମର ଜପଧ୍ୟାନ କରିବା ଦ୍ୱାରା ଚିତ୍ତ ବୃତ୍ତି ନିରୋଧ ହୋଇ ଜୀବ ପରମାତ୍ମା ଶିବଙ୍କ ସହିତ ମିଳନ ହେବା । ଏହା ହିଁ ବାସ୍ତବିକ୍ ଶିବପୂଜା । ମନୁଷ୍ୟର ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚକର୍ମେନ୍ଦ୍ରିୟ ସହିତ ମନ, ଅହଙ୍କାର ଚିତ୍ତ ଓ ବୁଦ୍ଧିକୁ ନିରୋଧ କରି ଶିବରାତ୍ରି ପାଳନ କରିବା ବାସ୍ତବ ଶିବରାତ୍ରି ଅଟେ । କର୍ମଯୋଗ କିମ୍ବା ଜ୍ଞାନଯୋଗ ଦ୍ୱାରା ହେଉ ଭକ୍ତିର ସମ୍ମିଶ୍ରଣ ଦୁଇଙ୍କ ମଧ୍ୟରେ ରହିବା ଜ୍ଞାନ ପ୍ରଧାନ । ଜ୍ଞାନପ୍ରଧାନ ଭକ୍ତି ଅଥବା କର୍ମପ୍ରଧାନ ଭକ୍ତି ଦ୍ୱାରା ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ବ୍ରତ ପାଳନ କଲେ ମୁକ୍ତିମିଳେ ।

ମହାଶିବ ରାତ୍ରୀ ଅର୍ଥାତ୍ ଫାଲଗୁନ୍ କୃଷ୍ଣ ଚତୁର୍ଦ୍ଦଶୀ ହେଉଛି ଦିବ୍ୟ ଜ୍ୟୋର୍ତିଲିଙ୍ଗ ପ୍ରକଟ ହେବାର ଶୁଭ ସମୟ । ଏହି ସମୟରେ ଶିବ ଭକ୍ତିରେ ତଲ୍ଲୀନ ହୋଇ ଭକ୍ତ ପରମ ସୁଖ ପ୍ରାପ୍ତି କରିପାରିବ । ମହାଶିବ ରାତ୍ରୀରେ ଶିବ ସାଧନା ଏବଂ ରହସ୍ୟକୁ ଜାଣିବା ପରେ ଅନେକ ସମସ୍ୟାରୁ ମୁକ୍ତି ମିଳିପାରିବ । ଶାସ୍ତ୍ରରେ ଭଗବାନ ଶିବଙ୍କୁ ବେଦ ଅର୍ଥାତ୍ ଜ୍ଞାନ ସ୍ୱରୂପ ଭାବେ ବିବେଚନା କରାଯାଇଥାଏ । ମହାଦେବଙ୍କର ତପସ୍ୟା କଲେ ଅଫୁରନ୍ତ ଆନନ୍ଦ, ସହ୍ୟ, ଧୈର୍ଯ୍ୟ, ଅଧ୍ୟବସାୟ ଓ ବୈଶିଷ୍ଟ୍ୟାନୁପାତିକ ପରିପୋଷଣ ପ୍ରାପ୍ତ ହୁଏ। ସର୍ବଯୋଗ ବା ସର୍ବସିଦ୍ଧିର ଅଧିପତି ମହାଦେବ, ତାଙ୍କର ଅନ୍ୟ ଏକ ନାମ ଯୋଗୀଶ୍ୱର ବା ଯୋଗେଶ୍ୱର। ସକଳ ବୋଧ, ଦର୍ଶନ ଓ ଜ୍ଞାନ ତାଙ୍କର ଅଧିଗତ। ତାଙ୍କର ଅନ୍ୟ ଏକ ନାମ ପଶୁପତି ଅର୍ଥ ସେ ଜ୍ଞାନ ଓ ଦର୍ଶନର ଅଧିପତି। ସୁସ୍ଥ ଦେହ ଓ ମନ ନେଇ ବଞ୍ଚିବା ଓ ବଢ଼ିବାର କୌଶଳ ଶିବଙ୍କର ଅଧିଗତ ଏବଂ ତାଙ୍କର ଅନ୍ୟ ଏକ ନାମ ବୈଦ୍ୟନାଥ। ମହାଦେବଙ୍କ ବୃଷଭ ବାହନ ଅର୍ଥ ହେଲା ବୃଷଭ ହେଉଛି ଧର୍ମର ପ୍ରତୀକ। ସେ ଚତୁଷ୍ପଦ। ଧର୍ମ ଯେତେବେଳେ ଚତୁଷ୍ପଦ ବା ଚାରିପାଦ, ସେତେବେଳେ ତାହା ପୂର୍ଣ୍ଣ ମହିମାରେ ବିକଶିତ।



ମହାଦେବଙ୍କର କଣ୍ଠରେ ସାପର ମାଳା, ତେଣୁ ତାଙ୍କର ଅନ୍ୟ ଏକ ନାମ ଫଣିଭୂଷଣ। ସେଥିପାଇଁ ଶିବ ଭକ୍ତି ମନର ଚଞ୍ଚଳତାକୁ ରୋକିବା ସହ ବ୍ୟକ୍ତିକୁ ଦୁଃଖ ଏବଂ ଦୁର୍ଗତୀରୁ ରକ୍ଷା କରିଥାଏ । ତେବେ ତନ, ମନ ଓ ବଚନ ଦ୍ୱାରା ବାସ୍ତବ ଶିବ ଭକ୍ତି, ଉପାସନା, ସାଧନା ଏବଂ ସେବାର ସଠିକ୍ ଉପାୟ ଶିବ ପୁରାଣରେ ଉଲ୍ଲେଖ ରହିଛି । ଏହାକୁ ଶିବ ଧର୍ମ କୁହାଯାଇଥାଏ । ଶିବ ପୁରାଣ ଅନୁଯାୟୀ, ଭକ୍ତିର ତିନୋଟି ସ୍ୱରୂପ ରହିଛି, ମାନସିକ ବା ମନରୁ ଭକ୍ତି, ବାଚନିକ ବା କଥନରୁ ଭକ୍ତି ଏବଂ ଶାରୀରିକ ଅର୍ଥାତ୍ ଶରୀର ଦ୍ୱାରା ଭକ୍ତି । ଶିବଙ୍କ ସ୍ୱରୂପର ଚିନ୍ତନ କରି ମନ ଦ୍ୱାରା ଜପ କରିବ ବଚନ ଦ୍ୱାରା ଏବଂ ପୂଜା କରି ଶରୀର ଦ୍ୱାରା କରାଯାଇପାରିବ । ଶିବଙ୍କୁ ଆରାଧନା, ପୂଜାର୍ଚ୍ଚନା ବା ଭକ୍ତି ମାଧ୍ୟମରେ ବ୍ୟକ୍ତି ନବଗ୍ରହଙ୍କର ଆଶୀର୍ବାଦ ପ୍ରାପ୍ତି କରି ସକଳ ବିପଦ ଓ ସଙ୍କଟକୁ ଟାଳି ଏକ ସ୍ୱଚ୍ଛ, ସୁନ୍ଦର ଜୀବନଯାପନ କରେ। ଶିବଙ୍କୁ ନବଗ୍ରହଙ୍କ ଏକ ପରଶମଣି କହିଲେ ଅତ୍ୟୁକ୍ତି ହେବନାହିଁ। ଶିବଙ୍କୁ ଭକ୍ତିଭାବରେ ସମ୍ପୂର୍ଣ୍ଣ ସମର୍ପଣ କରିଗଲେ ଜଡ଼ପିଣ୍ଡ ବି ଏକ ଜୀବନ୍ତ ଦୀପ୍ତିମନ୍ତ ଶକ୍ତିଶାଳୀ ସଜୀବ କୋଷରେ ପରିଣତ ହୁଏ। ଶିବ ହିଁ କେବଳ ମୃତ୍ୟୁ ଉପରେ ବିଜୟ ହାସଲ କରିପାରିଥିବାରୁ ଶିବଙ୍କୁ ମହାମୃତ୍ୟୁଞ୍ଜୟୀ କୁହାଯାଏ।

ଓଡ଼ିଶାରେ ଶିବଙ୍କ ଉଦ୍ଦେଶ୍ୟରେ ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀ ଦିନ ଯେଉଁ ପର୍ବ ପାଳିତ ହୁଏ, ତାହା ମହାଶିବରାତ୍ରି ପର୍ବ ଭାବରେ ସର୍ବଜନ ବିଦିତ । ଏହିଦିନ ଶିବ ବ୍ରତ ପାଳନ କରି ମନୁଷ୍ୟ ତ୍ରିତାପରୁ ମୁକ୍ତିଲାଭ କରେ ଓ ଶିବ ସନ୍ତୁଷ୍ଟ ହୋଇ ମାନବ ସମାଜର କଲ୍ୟାଣ ସାଧନ କରନ୍ତି । ଶିବରାତ୍ରି ବ୍ରତର ଉପବାସ, ଜାଗରଣ ଓ ଶିବପୂଜା ପ୍ରଧାନ । ବ୍ରତର ଅର୍ଥ ବେଦବୋଧିତ ଇଷ୍ଟ ପ୍ରାପ୍ତି ନିମିତ୍ତ କର୍ମ । ଦାର୍ଶନିକମାନେ ଅଭ୍ୟୁଦୟ ଓ ନିଃଶ୍ରେୟସ କର୍ମକୁ ବ୍ରତ କୁହନ୍ତି । ବ୍ରତ ଅର୍ଥ ନିୟମ । ପୁରାଣରେ ବ୍ରତ - ଧର୍ମ ଅଟେ । ଯେଉଁ କର୍ମ ଦ୍ୱାରା ଭଗବାନଙ୍କର ସାନିଧ୍ୟଲାଭ ହୋଇଥାଏ, ତାକୁ ବ୍ରତ କୁହାଯାଏ । ଉପବାସ ଜୀବାତ୍ମାର ଶିବଙ୍କ ସମୀପରେ ବାସ କରିବାକୁ ଉପବାସ କୁହାଯାଏ । ଦେବୀ ପୁରାଣରେ ଉଲ୍ଲେଖ ଅଛି, ଭଗବାନ ଶିବଙ୍କର ଧ୍ୟାନ, ଜପ, ତାଙ୍କର ସ୍ନାନ (ଅଭିଷେକ) ଓ ତାଙ୍କର ମହିମା ଶ୍ରବଣ କୀର୍ତ୍ତନ କରି କାଳଯାପନ କରିବା ଉପବାସ କରୁଥିବା ବ୍ୟକ୍ତିର କର୍ତ୍ତବ୍ୟ । ବ୍ରତୀ ନିମିତ୍ତ ସମସ୍ତ ପ୍ରକାର ବିଷୟ ଭୋଗର ବର୍ଜନ ଅତ୍ୟନ୍ତ ପ୍ରୟୋଜନ । କେବଳ ଅନଶନ କରିବାକୁ ଉପବାସ କୁହାଯାଏନା । ଜାଗରଣ-ମୁମୁକ୍ଷୁ ଜୀବାତ୍ମା ନିମିତ୍ତ ଜାଗରଣର ଆବଶ୍ୟକ ଅଛି । 'ଯାନିଶା ସର୍ବଭୂତାନାଂ ତସ୍ୟାଂ ଜାଗ୍ରତୀ ସଂଯମୀ' ବିଷୟାସକ୍ତ ସଂସାରୀ ଲୋକଙ୍କ ପାଇଁ ଯେ ରାତ୍ରି, ସେହି ସମୟରେ ସଂଯମୀ ବ୍ୟକ୍ତି ଜାଗ୍ରତ ରୁହେ । ତେଣୁ ଶିବରାତ୍ରିରେ ଜାଗରଣ ରହିବା ଆବଶ୍ୟକ ।

ଶିବପୂଜାର ଅର୍ଥ, ପୁଷ୍ପ, ଚନ୍ଦନ, ବିଲ୍ୱପତ୍ର ଅର୍ପଣ କରିବା ସଙ୍ଗେ ସଙ୍ଗେ ଶିବନାମର ଜପଧ୍ୟାନ କରିବା ଦ୍ୱାରା ଚିତ୍ତ ବୃତ୍ତି ନିରୋଧ ହୋଇ ଜୀବ ପରମାତ୍ମା ଶିବଙ୍କ ସହିତ ମିଳନ ହେବା । ଏହା ହିଁ ବାସ୍ତବିକ୍ ଶିବପୂଜା । ମନୁଷ୍ୟର ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚକର୍ମେନ୍ଦ୍ରିୟ ସହିତ ମନ, ଅହଙ୍କାର ଚିତ୍ତ ଓ ବୁଦ୍ଧିକୁ ନିରୋଧ କରି ଶିବରାତ୍ରି ପାଳନ କରିବା ବାସ୍ତବ ଶିବରାତ୍ରି ଅଟେ । କର୍ମଯୋଗ କିମ୍ବା ଜ୍ଞାନଯୋଗ ଦ୍ୱାରା ହେଉ ଭକ୍ତିର ସମ୍ମିଶ୍ରଣ ଦୁଇଙ୍କ ମଧ୍ୟରେ ରହିବା ଜ୍ଞାନ ପ୍ରଧାନ । ଜ୍ଞାନପ୍ରଧାନ ଭକ୍ତି ଅଥବା କର୍ମପ୍ରଧାନ ଭକ୍ତି ଦ୍ୱାରା ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ବ୍ରତ ପାଳନ କଲେ ମୁକ୍ତିମିଳେ । ସମସ୍ତ ମନୁଷ୍ୟଙ୍କ ନିମିତ୍ତ ମହାଶିବରାତ୍ରି ବ୍ରତ କଲ୍ୟାଣକାରୀ ଅଟେ । ଶିବଙ୍କ ମନ୍ଦିରରେ ମହାଦୀପ ଜଳାଇବା ଅର୍ଥ ନିଜର ସହସ୍ରାରେ ଜ୍ୟୋତିଃ ଦର୍ଶନ କରି ରାତ୍ରିଉଜାଗର ହେଲେ, ଶିବଙ୍କ ସହିତ ଶକ୍ତିଙ୍କର ମିଳନ ଦ୍ୱାରା ଜୀବନ୍ମୁକ୍ତ ହୋଇଥାଏ । ସନାତନ ଧର୍ମରେ ବ୍ରତ ସହିତ ମନୁଷ୍ୟର ଆଧାତ୍ମିକ ବିକାଶ ପ୍ରଚ୍ଛନ୍ନ ଭାବରେ ଜଡ଼ିତ ରହିଅଛି । ତେଣୁ - ''ଶୁନ୍ୟ ଶୁନ୍ୟ ମହାଶୁନ୍ୟ ଶୁନ୍ୟ ମଧ୍ୟ ନିରାମୟ, ନିରାମୟ ମଧ୍ୟେ ଜ୍ୟୋତିଃ ସଃ ଜ୍ୟୋତି ଭଗବାନୟୋ'' ହେ ପରମ ଜ୍ୟୋତି ସ୍ୱରୂପ ପରମ ଶିବ ଏ ମର ସଂସାରର ସମସ୍ତ ପ୍ରାଣୀଙ୍କୁ ଅଜ୍ଞାନରୂପୀ ଅନ୍ଧକାରରୁ ଆଲୋକ ଦିଗକୁ ଏବଂ ଅସତ୍ୟରୁ ସତ୍ୟ ଦିଗକୁ ନେଇ ଯାଆନ୍ତୁ । ମହାଶିବରାତ୍ରି ପାଳନ ଅବସରରେ ଏହା ହିଁ କାମନା । ''ଅସତୋମାଂ ସଦ୍‌ଗମୟ, ତମସୋମାଂ ଜ୍ୟୋତିର୍ଗମୟ, ମୃତ୍ୟୁ ମାଂ ଅମୃତୋ ଗମୟ''।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ : ବିଜ୍ଞାନ ଶିକ୍ଷାର ଉତ୍ସ

**॥ ଡକ୍ଟର ଶ୍ରୀମତୀ ଦୀପା ନାଗ୍ ॥**

ଓଡ଼ିଶାର ଅନ୍ୟତମ ମର୍ଯ୍ୟାଦାପୂର୍ଣ୍ଣ ଓ ସର୍ବପୁରାତନ ବିଜ୍ଞାନ ମହାବିଦ୍ୟାଳୟ ଭାବେ କଟକର ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠିତ। ଓଡ଼ିଶାରେ ବିଜ୍ଞାନର ପ୍ରଚାର ପ୍ରସାର ଦିଗରେ ଏହି ଶିକ୍ଷାନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଓ ପ୍ରେରଣାପ୍ରଦ ଅବଦାନ ରହିଛି। ଓଡ଼ିଶା ରାଜ୍ୟରେ ଗୁଣାତ୍ମକ ବିଜ୍ଞାନ ଶିକ୍ଷାର ପ୍ରସାର ନିମନ୍ତେ ରୌପ୍ୟ ନଗରୀ କଟକର କେନ୍ଦ୍ରସ୍ଥଳୀରେ ୧୯୪୪ ମସିହାରେ ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟର ସ୍ଥାପନା କରାଯାଇଥିଲା। ଏହା ଏକ ଖ୍ରୀଷ୍ଟିଆନ ଲଘୁ ସଂପ୍ରଦାୟ ଅନୁଷ୍ଠାନ। ଓଡ଼ିଶା ସରକାରଙ୍କର ଅନୁଦାନ ପ୍ରାପ୍ତ ଏବଂ କଟକ ଡାୟୋସିସ୍ ଦ୍ୱାରା ପରିଚାଳିତ ଏହି ମହାବିଦ୍ୟାଳୟଟି ଭାରତ ବର୍ଷର ସ୍ୱାଧୀନତା ପୂର୍ବରୁ ଆଜି ପର୍ଯ୍ୟନ୍ତ ଉଚ୍ଚକୋଟୀର ଶିକ୍ଷାଦାନ କରିବା ସହିତ ଉତ୍ତମ ନାଗରିକ ମାନଙ୍କୁ ଗଠନ କରିବାରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି।

ଏହି ମହାବିଦ୍ୟାଳୟରେ ଯୁକ୍ତତିନ ପାଠ୍ୟକ୍ରମରେ ବିଜ୍ଞାନର ସାତୋଟି ବିଭାଗରେ ସମ୍ମାନରେ ଶିକ୍ଷାଦାନ କରାଯାଉଛି। ସେହି ବିଷୟ ଗୁଡ଼ିକ ହେଲା ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ, ଉଦ୍ଭିଦ ବିଜ୍ଞାନ, ଜୀବ ବିଜ୍ଞାନ, ଭୂତତ୍ତ୍ୱ ଏବଂ କମ୍ପ୍ୟୁଟର ବିଜ୍ଞାନ। ପ୍ରତ୍ୟେକ ବିଭାଗରେ ଯୋଗ୍ୟ ଏବଂ ଅଭିଜ୍ଞ ଶିକ୍ଷକ ଓ ଡେମୋନଷ୍ଟ୍ରେଟରମାନେ ଛାତ୍ରଛାତ୍ରୀ ମାନଙ୍କୁ ଥିଓରି ଏବଂ ପ୍ରାକ୍ଟିକାଲ ଶ୍ରେଣୀରେ ଯତ୍ନର ସହିତ ଶିକ୍ଷାଦାନ କରନ୍ତି। ପାଠପଢ଼ାଇବା ସହିତ ପିଲାମାନଙ୍କର ସୁଚରିତ୍ର ଗଠନ ଦିଗରେ ମଧ୍ୟ ଧ୍ୟାନ ଦିଆଯାଏ। ମହାବିଦ୍ୟାଳୟର ବିଜ୍ଞାନଗାର ଗୁଡ଼ିକ ଖବୁ ଉଚ୍ଚକୋଟୀର। ଯୁକ୍ତତିନି ପାଠ୍ୟକ୍ରମ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ଉପକରଣ ଏବଂ ରାସାୟନିକ ଯଥେଷ୍ଟ ପରିମାଣରେ ଉପଲବ୍ଧ। ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ପରୀକ୍ଷା ମାନଙ୍କରେ ଏହି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କର କୃତୀତ୍ୱରେ ଶିକ୍ଷାର ମାନ ପ୍ରତିଫଳିତ ହେଉଛି। ପ୍ରାୟ ପ୍ରତ୍ୟେକ ବର୍ଷ ବିଭିନ୍ନ ବିଭାଗରେ ଛାତ୍ରଛାତ୍ରୀମାନେ ପ୍ରଥମ ସ୍ଥାନ ତଥା ଶ୍ରେଷ୍ଠ ସ୍ନାତକ ହେବାର ଗୌରବ ଅର୍ଜନ କରୁଛନ୍ତି। ଏହାର ଯୁକ୍ତଦୁଇ ଶିକ୍ଷାଦାନ ମଧ୍ୟ ଖୁବ ଉଚ୍ଚକୋଟୀର। ଏହି ଅନୁଷ୍ଠାନରୁ ଶିକ୍ଷା ଗ୍ରହଣ କରିବା ପରେ ଛାତ୍ରଛାତ୍ରୀମାନେ



ବିଭିନ୍ନ ପ୍ରବେଶିକା ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେଉଛନ୍ତି। ପରବର୍ତ୍ତୀ ସମୟରେ ବିଭିନ୍ନ ଉଚ୍ଚ ପଦପଦବୀରେ ସେମାନେ ଅଧିଷ୍ଠିତ। ପାଠପଢ଼ା ସହିତ ଏହି ମହାବିଦ୍ୟାଳୟର ପିଲାମାନେ ଏନସିସି, ଏନଏସଏସ ଏବଂ ୱାଇଆରସିର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ରାଜ୍ୟ ତଥା ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି। ସଂଗୀତ, ନୃତ୍ୟ, ଯୋଗ, କୁଇଜ, ବକ୍ତୃତା ଇତ୍ୟାଦି ପ୍ରତିଯୋଗିତାରେ ମଧ୍ୟ ଛାତ୍ରଛାତ୍ରୀ ମାନଙ୍କୁ ଉଲ୍ଲେଖନୀୟ ସଫଳତା ମିଳିଛି। ଏହି ସମସ୍ତ କାର୍ଯ୍ୟକ୍ରମ ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଅବଗତ ଏବଂ ଉତ୍ସାହିତ କରିବାରେ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କର ଭୂମିକା ଖୁବ ଗୁରୁତ୍ୱପୂର୍ଣ୍ଣ। ଏହି କୃତୀତ୍ୱପୂର୍ଣ୍ଣ ବିଜ୍ଞାନମହାବିଦ୍ୟାଳୟରୁ ଅନେକ ପ୍ରତିଭାବାନ ମେଧାବୀ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଆଜି ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଯାହାକି ସେମାନେ ଏହି ବିଦ୍ୟାଳୟର ଜଣେ ଜଣେ ପ୍ରତିଭା ଗୌରବ ବିମଣ୍ଡିତ ଆସନରେ ଆଜି ଅଧିଷ୍ଠିତ। ଆଜି ଏହି ବିଦ୍ୟାଳୟ ତାର ୭୯ତମ ବାର୍ଷିକ ଉତ୍ସବ ପାଳନ କରୁଛି। ଏ କ୍ଷେତ୍ରରେ ହଜାର ବର୍ଷର ପରିଚୟ ସମୃଦ୍ଧିରେ ପ୍ରତିଷ୍ଠିତ କଟକ ସହରର ପ୍ରତିଟି କଟକିଆଙ୍କ ସହଯୋଗ ଓ ଭୂମିକା ରହିଛି। ଆଜି ଆମେ ଅତ୍ୟନ୍ତ ଗୌରବାମହ ମନେକରୁଛୁ ଯେ ଏହି ବିଦ୍ୟାଳୟ ତାର ସୁନାମ ପ୍ରତିଷ୍ଠା କରିବାରେ ଓ ବଜାୟ ରଖିବାରେ ସଫଳ ହୋଇଛି। କେବଳ ପାଠପଢ଼ା ନୁହେଁ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଜ୍ଞାନର ଅନ୍ୟତମ ଉତ୍କୃଷ୍ଟ ଓ ଉତ୍କର୍ଷ ଗବେଷଣା ସହ କ୍ରୀଡ଼ା ଓ ସାଂସ୍କୃତିକ ଓ ବୌଦ୍ଧିକର ବିଭିନ୍ନ ଦିଗରେ ପ୍ରତିଷ୍ଠିତ ହୋଇ ଏହି ମହାବିଦ୍ୟାଳୟର ସୁନାମ ବଢ଼ାଇଛନ୍ତି। ଅନେକ ବିଜ୍ଞାନ ଶିକ୍ଷାବିତ, ବୈଜ୍ଞାନିକ, ଡାକ୍ତର, ଇଞ୍ଜିନିୟରଙ୍କ ଠାରୁ କ୍ରୀଡ଼ାବିତ, ସୁଲେଖକଙ୍କ ଠାରୁ ସାମ୍ବାଦିକ, ମହାକାଶବିଜ୍ଞାନୀଙ୍କ ଠାରୁ ବିଜ୍ଞାନର ସମସ୍ତ ସୋପାନରେ ସେମାନେ ଯେଉଁ ଶିଖରରେ ପହଞ୍ଚି ଏହି ମହାବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି ତାହା ଅତ୍ୟନ୍ତ ପ୍ରଶଂସନୀୟ ଓ ଏହି ମହାବିଦ୍ୟାଳୟର ସୁନାମ ବଢ଼ାଇବା ପାଇଁ ଯଥେଷ୍ଟ। ଏହି ଶିକ୍ଷାନୁଷ୍ଠାନର ଗୌରବ ବଢ଼ାଇବାରେ ମହାବିଦ୍ୟାଳୟର ମାର୍ଗଦର୍ଶନ ମଣ୍ଡଳୀ, ପ୍ରତିଷ୍ଠାତା ମଣ୍ଡଳୀ ଓ କମିଟି ମଣ୍ଡଳୀର ସହଯୋଗ, ଉଦ୍ୟମ, ନିଷ୍ଠା ଯଥେଷ୍ଟ। ଚକ, ଡଷ୍ଟର, କଳାପଟା ଯୁଗରୁ ବିଜ୍ଞାନ ଶିକ୍ଷାଦାନ ଆରମ୍ଭ କରି ଆଜି ସ୍ମାର୍ଟ ବୋର୍ଡ଼, ପ୍ରୋଜେକ୍ଟର ଓ କମ୍ପ୍ୟୁଟର ମାଧ୍ୟମରେ ଶିକ୍ଷାଦାନ କରି କୃତୀ ଛାତ୍ରଛାତ୍ରୀ ସୃଷ୍ଟି କରିବାର ଯାତ୍ରାକୁ ଆଜିବି ଏହି ମହାବିଦ୍ୟାଳୟ ବଜାଏ ରଖିଛି, ଆଗକୁ ମଧ୍ୟ ରଖିବ।

ଅଧ୍ୟକ୍ଷା, ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ, ମଧୁସୂଦନ ରୋଡ଼, କଟକ, ଦୂରଭାଷ : ୯୪୩୮୩୬୫୭୦୨

# ସତପାତ୍ର

**॥ ନିରୂପମା ଭୂୟାଁ ॥**

ବମ୍ବେରୁ ଜଣେ ଧାର୍ମିକ ସେଠ ତୀର୍ଥରେ ଆସି ହରିଦ୍ୱାରରେ ପହଞ୍ଚିଲେ। ଶୀତ ଋତୁ ଆସିବା ଆଗରୁ ସେଠାକାର ସାଧୁସନ୍ଥ ମାନଙ୍କୁ ଗୋଟିଏ ଗୋଟିଏ କମ୍ବଳ ଦେବା ଲାଗି ସେ ୨୦୦ ଖଣ୍ଡ କମ୍ବଳ ସାଥିରେ ଆଣିଥିଲେ। ହରିଦ୍ୱାରର ଜଣେ ବଡ଼ ସାଧୁଙ୍କ ସହ ତାଙ୍କର ସଦଭାବ ଥିଲା ଓ ସେ ହରିଦ୍ୱାର ରହଣି ବେଳେ ତାଙ୍କରି ଆଶ୍ରମରେ ରହିବା ପାଇଁ ସ୍ଥିର କଲେ। ଆଣିଥିବା କମ୍ବଳ ଗୁଡ଼ିକର କଥା ମଧ୍ୟ ସେ ସାଧୁଙ୍କୁ କହିଲେ। ସେ କଥା ଶୁଣି ସାଧୁ କହିଲେ - ଠିକ ଅଛି, କମ୍ବଳ ଏଠି ଥାଉ, ଉପଯୁକ୍ତ ସମୟରେ ଉପଯୁକ୍ତ ଲୋକ ହାତରେ ଏ କମ୍ବଳ ଗୁଡ଼ିକ ଦିଆଯିବ। ସବୁ ଦିନ ଭଳି ସନ୍ଧ୍ୟାରେ ସାଧୁଙ୍କ ଆଶ୍ରମରେ ସତସଙ୍ଗ ସଭା ହେଲା। ଅନେକ ସାଧୁ ସନ୍ଥ ଓ ଯାତ୍ରୀମାନେ ମିଶି ରାମଧନ କଲେ। କେତେକ ମହାପୁରୁଷ ପ୍ରବଚନ ଦେଲେ ଓ ଶେଷରେ ସଭା ସାଙ୍ଗ କରାଗଲା। ଏହି ସମୟରେ ବମ୍ବେର ଧାର୍ମିକ ଲୋକଟି ସାଧୁଙ୍କୁ କମ୍ବଳ ବାଣ୍ଟିବା କଥା ମନେ ପକାଇ ଦେଲେ। ସାଧୁ କହିଲେ, 'ଅପେକ୍ଷା କର, ସମୟ ହୋଇନାହିଁ।'

ଧାର୍ମିକ ଲୋକ ଜଣକ ଭାବିଲେ ସଭାରେ ଏତେ ସାଧୁସନ୍ଥ ଉପସ୍ଥିତ ଥିଲେ, ସେଠାରେ କମ୍ବଳ ବାଣ୍ଟିଥିଲେ ଭଲ ହୋଇଥାନ୍ତା, କିନ୍ତୁ ଏ ସାଧୁ ମୋତେ କାହିଁକି ବାରଣ କଲେ, ମନେ ମନେ ସେ ଅନେକ କଥା ଭାବୁଥାନ୍ତି। ରାତ୍ରୀ ଭୋଜନ ତଥା ଭଜନ କୀର୍ତ୍ତନର ସମୟ ହେଲା। ଏଥିରେ ଯୋଗ ଦେବାକୁ ସାଧୁ ସନ୍ଥ ଓ ମହାତ୍ମାମାନେ ଅନେକ ସଂଖ୍ୟାରେ ଆସିଲେ ଏବଂ ରାତି ଦଶଟା ବେଳକୁ ସମସ୍ତେ ନିଜ ନିଜ ସ୍ଥାନକୁ ଫେରି ଗଲେ। ଧାର୍ମିକ ଲୋକ ଜଣକ ଏ ଥରକ ପୁଣି କମ୍ବଳ ବାଣ୍ଟିବା କଥା ସାଧୁଙ୍କୁ ମନେ ପକାଇ ଦେଲେ - ଏ ଥରକ ବି ସାଧୁ ପୁଣି କହିଲେ - 'ଉପଯୁକ୍ତ ଲୋକ ଓ ଉପଯୁକ୍ତ ସମୟ ଏ ନୁହେଁ, ଆଉ ଟିକେ ଅପେକ୍ଷା କର।' ଏହାପରେ ସାଧୁ ନିଜ ଶୋଇବା କୁଟୀରକୁ ଗଲେ ଓ ଧାର୍ମିକ ଲୋକଟି ତାଙ୍କ ରହିବା ଜାଗାକୁ ଗଲେ।

ଧାର୍ମିକ ଲୋକ ଜଣକ ଭାବୁଥାନ୍ତି ଯେ ଏ ସାଧୁ ଏଭଳି ବିଳମ୍ବ କରିବାର କାରଣ କ'ଣ ହୋଇପାରେ। ବିଛଣାରେ ପଡ଼ି ରହି ଥିଲେ ମଧ୍ୟ ତାଙ୍କୁ ନିଦ ଆସୁନଥାଏ। ରାତି ଅଧ ବେଳକୁ ସାଧୁ ଆସି ଧାର୍ମିକ ଲୋକଟିଙ୍କୁ ଡାକିଲେ। 'ଓ ସେଠ, ଚାହିଁଛ ନା ଶୋଇଲଣି। ଚାଲ ତୁମ କମ୍ବଳ ବାଣ୍ଟିବା।' ସାଧୁଙ୍କ କଥା ଶୁଣି ସେଠ ବାହାରକୁ ଆସି କହିଲେ, 'ମହାରାଜ, ଏ ରାତି ଅଧରେ ଦାନ ନେବାକୁ ଲୋକ କୋଉଠୁ ମିଳିବେ? ସାଧୁ କହିଲେ, 'ସତପାତ୍ର ପାଇବାର ଉପଯୁକ୍ତ ସମୟ ବର୍ତ୍ତମାନ।' ଆସ, କହି ଯେତେ କମ୍ବଳ ନିଜେ ଧରିପାରିଲେ ତାକୁ କାନ୍ଧରେ ନେଇ ଚାଲିଲେ। ସେଠ ମଧ୍ୟ ସାଧୁଙ୍କୁ ଦେଖି ଆହୁରି କିଛି କମ୍ବଳ ନିଜେ ଧରି ସାଧୁଙ୍କ ପଛେ ପଛେ ଚାଲିଲେ। ଚାଲି ଚାଲି ସେମାନେ ପହଞ୍ଚିଲେ ଗଙ୍ଗା ତୀରରେ। କେହି କେହି ଥଣ୍ଡାରେ ଥରୁଥିବା ଅବସ୍ଥାରେ, କେହି କେହି ଅଦ୍ଧରାତ୍ର ଯୋଗୁଁ ଶୋଇ ପଡ଼ିଥିବା ଅବସ୍ଥାରେ, ସାଧୁ ପ୍ରତ୍ୟେକଙ୍କୁ ଖଣ୍ଡେ ଲେଖାଏଁ କମ୍ବଳ ଘୋଡ଼ାଇ ଦେଇ ଗଲେ। ବୁଲି ବୁଲି ସେମାନେ ଦୁଇ ଶହ ଯାକ କମ୍ବଳ ବାଣ୍ଟିଲେ। ସାଧୁଙ୍କ ଉନ୍ନତ ବିଚାର ଧାର୍ମିକ ସେଠଙ୍କ ମନରେ ଅପୂର୍ବ ଆନନ୍ଦ ସଞ୍ଚାର କଲା। ବର୍ତ୍ତମାନ ସେ ବୁଝିଲେ ଯେ ତାଙ୍କ ଦାନ ଉପଯୁକ୍ତ ଲୋକଙ୍କୁ ମିଳିଲା। ପ୍ରକୃତରେ ସେମାନେ ଥିଲେ ସତପାତ୍ର। ଦେଖେଇ ହୋଇ ଦାନ କରିବା ଅପେକ୍ଷା ଏ ଦାନ ହଜାର ଗୁଣ ଶ୍ରେୟସ୍କର।

ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୯୩୭୪୭୦୯୮୦

## ଇଫକୋ ଡିଏଭି ବିଦ୍ୟାଳୟର ୧୭ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ



ପାରାଦୀପ, (ମହାଭାରତ) : ଇଫକୋ ସାର କାରଖାନା ସ୍ଥିତ ଡିଏଭି ୧୭ତମ ବାର୍ଷିକ ଉତ୍ସବ ଅପ୍ରେଲ ୧୦ ତାରିଖରେ ମହାସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷ ସମ୍ବିତ ସୁକୁମାର ଚିନାରା ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇଫକୋ ପାରାଦୀପ ୟୁନିଟ ର ମୁଖ୍ୟ ପରିଚାଳକ ପି.କେ. ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଇଫକୋ ର ପ୍ରଥମ ମହିଳା ସୁପ୍ରିୟା ମହାପାତ୍ର, ପିପିଏଲ ମୁଖ୍ୟ ପାଲାନୀସାମୀ ଭେଲୁସାମୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଏଭି ବିଦ୍ୟାଳୟ ଜୋନ ଏଫ ର ଉପ ଆଞ୍ଚଳିକ ଅଧିକାରୀ ବିପିନ କୁମାର ସାହୁ, ପିପିଏଲ ଡିଏଭି ବିଦ୍ୟାଳୟ ଅଧକ୍ଷ ସଂଜୀବ କୁମାର ସାହୁ, ପିପିଟି ଡିଏଭି ଅଧକ୍ଷା ଗୀତାଞ୍ଜଳି ହୋତା ରାହାମା ବିଦ୍ୟାଳୟ ଅଧକ୍ଷ ଶ୍ରୀକୃଷ୍ଣ ମହାପାତ୍ର ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ମହାପାତ୍ର ବିଦ୍ୟାଳୟ ର ସର୍ବାଙ୍ଗୀନ ଉନ୍ନତି ଇଫକୋ ର ଛାତ୍ରଛାତ୍ରୀ, ଅଭିଭାବକ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗ ଉପରେ ଆଲୋକପାତ କରି ବିଦ୍ୟାଳୟର କ୍ରମସଫଳତା ପାଇଁ ସନ୍ତୋଷ ପ୍ରକାଶ କରିଥିଲେ । ଏହି ଅବସରରେ ୨୦୨୫-୨୬ ବର୍ଷର ଦଶମ ଓ ଦ୍ୱାଦଶ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା କୃତି ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ମାନଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଉତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ ଏବଂ ସାମୁହିକ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶେଷରେ ବିଦ୍ୟାଳୟ ର ବରିଷ୍ଠ ଶିକ୍ଷକ ମନୋଜ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ଧୁର ଅକାଳ ବିୟୋଗରେ ପରିବାରକୁ ସହଯୋଗର ହାତ ବଢ଼ାଇଲେ ସ୍କୁଲ ସାଙ୍ଗ



ବାଲିପାଟଣା, (ମହାଭାରତ) : କୁହାଯାଏ 'ବିପଦ ବେଳେ ଯିଏ ସାହାଯ୍ୟ କରେ, ସିଏ ହିଁ ପ୍ରକୃତ ବନ୍ଧୁ' । ଏହି କଥାକୁ ଆଜି ସତ ପ୍ରମାଣିତ କରି ଦେଖାଇଛନ୍ତି କିଛି ସ୍କୁଲ ସାଙ୍ଗ । ନିଜର ଜଣେ ପ୍ରିୟ ବନ୍ଧୁଙ୍କୁ ହୃଦଘାତରେ ହରାଇବା ପରେ, ତାଙ୍କ ପରିବାରର ଦୁଃଖ ସମୟରେ ସହ ଯୋଗର ହାତ ବଢ଼ାଇଛନ୍ତି ପୁରାତନ ସାଙ୍ଗମାନେ ।ସୂଚନା ଅନୁଯାୟୀ, ଗତ କିଛି ଦିନ ତଳେ ବାଲିପାଟଣା ବ୍ଲକ ପମ୍ପାଲୋ ପଞ୍ଚାୟତ ଚଣାହାଟର ବାସିନ୍ଦା ତପନ ଦାସ( କୁନା )ଙ୍କର ୪୫ ବର୍ଷ ବୟସରେ ହୃଦଘାତ ଯୋଗୁଁ ଆକସ୍ମିକ ମୃତ୍ୟୁ ଘଟିଥିଲା । ଏହି ଖବର ଶୁଣିବା ପରେ ତାଙ୍କ ସ୍କୁଲ ସମୟର ସାଙ୍ଗମାନେ ମ୍ରିୟମାଣ ହୋଇପଡ଼ିଥିଲେ । କେବଳ ଶୋକ ପ୍ରକାଶ ନକରି, ଶୋକସନ୍ତପ୍ତ ପରିବାରକୁ ଆର୍ଥିକ ସମ୍ବଳ ଯୋଗାଇଦେବା ପାଇଁ ସମସ୍ତ ବନ୍ଧୁ ଏକଜୁଟ ହୋଇଥିଲେ । ନିଜ ନିଜ ମଧ୍ୟରେ ଅର୍ଥ ସଂଗ୍ରହ କରି ସମସ୍ତ ସାଙ୍ଗ ମିଶି ମୋଟ ୨୨,୦୦୦ ଟଙ୍କାର ଏକ ସହାୟତା ରାଶି ମୃତ ବନ୍ଧୁଙ୍କ ପରିବାରକୁ ଚଣାହାଟ ଜନବିଦ୍ୟା ମନ୍ଦିର ର ପ୍ରଧାନ ଶିକ୍ଷୟତ୍ରୀ ଜୋଷ୍ନା ରାଣୀ ଦାସ , ଚଣାହାଟ ଗ୍ରାମର ଛବି ସାହୁ,ଶିଶୁ ଅନନ୍ତ ପ୍ରେସ କ୍ଲବ ସଭାପତି ଓ ଛାତ୍ର ବିଦ୍ୟାଭୂଷଣ ଭୋଳ, ପିଣ୍ଟୁ ପଣ୍ଡା, ସୁଜିତ ଭୋଳ,ବିରୋଚନ ପରିଡ଼ା,ପ୍ରଦୀପ ପଣ୍ଡା,ବିଶ୍ୱ ମୋହନ ଦାସ ଙ୍କ ଉପସ୍ଥିତିରେ ପ୍ରଦାନ କରିଛନ୍ତି । ଏହି ଅର୍ଥ ରାଶି ପରିବାରର କିଛି ମାତ୍ରାରେ ସହାୟକ ହେବ ବୋଲି ବନ୍ଧୁମାନେ ଆଶା ପ୍ରକାଶ କରିଛନ୍ତି ।ସାଙ୍ଗମାନଙ୍କର ଏହି ମହାନତା ଏବଂ ବନ୍ଧୁ ପ୍ରତି ଥିବା ଭଲପାଇବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । 'ସାଙ୍ଗ ଆଜି ଆମ ଗହଣରେ ନାହିଁ ସତ, କିନ୍ତୁ ତାର ପରିବାର ସହ ଆମେ ସବୁବେଳେ ରହିବୁ' ବୋଲି ସମସ୍ତ ସାଙ୍ଗମାନେ ଭାବବିହ୍ୱଳ ହୋଇ ପ୍ରକାଶ କରିଛନ୍ତି । ସାଙ୍ଗମାନଙ୍କର ଏଭଳି ମାନବିକତାକୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି ।

## ପାରାଦୀପ ବେଳାଭୂମିରେ ଓଡ଼ିଆ ନବବର୍ଷ ମହୋତ୍ସବ ଉଦ୍‌ଯାପିତ




ପାରାଦୀପ, (ମହାଭାରତ) : ପାରାଦୀପ ପୌରପାଳିକା ପକ୍ଷରୁ ବିଜୁ ମୈଦାନ ବେଳାଭୂମି ଠାରେ ଦୁଇଦିନ ଧରି ଚାଲିଥିବା ପବିତ୍ର ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ତଥା 'ଓଡ଼ିଆ ପକ୍ଷ ୨୦୨୬' ମଙ୍ଗଳବାର ସନ୍ଧ୍ୟାରେ ସଫଳତାର ସହ ଉଦଯାପିତ ହୋଇଯାଇଛି । ଅନ୍ତିମ ସନ୍ଧ୍ୟାରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଝୋଟି, ଚିତା, ମୁରୁଜ, ନୃତ୍ୟ, ସଙ୍ଗୀତ ଓ ପିଠାପଣା ଭଳି ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ଶ୍ରୀ ସ୍ୱାଇଁ 'ପ୍ରଶଂସା ପତ୍ର' ପ୍ରଦାନ କରିଥିଲେ ।ଏହି ଅବସରରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ (ଏଡିଏମ) ନିରଞ୍ଜନ ବହେରା, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଆମ୍ନାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ପୌରାଧକ୍ଷ ବସନ୍ତ ବିଶ୍ୱାଳ ଉଦ୍‌ଯାପନୀ ସମାରୋହରେ ପୌରୋହିତ୍ୟ କରିଥିଲେ । ମନ୍ତ୍ରୀ ଶ୍ରୀ ସ୍ୱାଇଁ ଓଡ଼ିଆ ସଂସ୍କୃତି, ପରମ୍ପରାକୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପାରାଦ୍ୱୀପର ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ମାନ୍ୟବର ମନ୍ତ୍ରୀ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମାରୋହକୁ ସରସ ସୁନ୍ଦର କରିବା ପାଇଁ ଓଡ଼ିଆ ଖାଦ୍ୟ ଷ୍ଟଲମାନ ଖୋଲା ଯାଇଥିଲା । ପାରାଦ୍ୱୀପର କବି, ଲେଖକମାନଙ୍କୁ ନେଇ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଶେଷରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା।

# ପୌର ପରିଷଦ ଠିକା କାମ ଟେଣ୍ଡରକୁ ନେଇ ବିବାଦ : ଠିକା କାମକୁ ଫିକ୍ସିଂ କରି ବାଣ୍ଟିଛି ପୌର ପରିଷଦ, କୋର୍ଟକୁ ଯିବ କଂଗ୍ରେସ




ନୟାଗଡ, (ମହାଭାରତ) : ପୁଣି ବିବାଦରେ ନୟାଗଡ଼ ପୌର ପରିଷଦ। ଏଥର ଠିକା କାମ ପାଇଁ ହୋଇଥିବା ଟେଣ୍ଡରକୁ ନେଇ ଆପତ୍ତି ଉଠାଇଛି ଜିଲ୍ଲା କଂଗ୍ରେସ। ଠିକା କାମ ପାଇଁ ହୋଇଥିବା ଟେଣ୍ଡର୍‌ରେ ଫିକ୍ସିଂ କରାଯାଇ ନିର୍ଦ୍ଦିଷ୍ଟ କିଛି ଠିକାଦାରଙ୍କୁ ଅନୁକମ୍ପା ଦେଖାଯାଇଛି ବୋଲି କଂଗ୍ରେସ ଜିଲ୍ଲା ସଭାପତି ରଣଜିତ ଦାଶ ଅଭିଯୋଗ କରିବା ସହ ଏ ନେଇ କୋର୍ଟଙ୍କ ଦ୍ୱାରସ୍ଥ ହେବୁ ବୋଲି କହିଛନ୍ତି। କେବଳ ସେତିକି ନୁହେଁ ଟେଣ୍ଡର ଆବେଦନ କରିଥିବା ଓଡ଼ଗାଁର ଜଣେ ଠିକାଦାରଙ୍କୁ ନୟାଗଡ଼ର ଠିକାଦାର ମାନେ ଧମକ ଚମକ ଦେଇ ଏଥିରୁ ଓହରିଯିବା ପାଇଁ ବାଧ କରିଥିଲେ। ଶେଷରେ ଉପଯୁକ୍ତ ନିୟମକୁ ଅନୁକରଣ କରା ନଯାଇ ତାଙ୍କୁ ଏହି ଟେଣ୍ଡର ପ୍ରକ୍ରିୟରୁ ବାଦ୍ ଦିଆଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଏ ନେଇ ସେ ଲିଖିତ ଆକାରରେ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି ।ରଣଜିତଙ୍କ ଅଭିଯୋଗ ମୁତାବକ, ପୌର ପରିଷଦ ପକ୍ଷରୁ ୩୨ଟି ଠିକା କାମ ପାଇଁ ଟେଣ୍ଡର୍ ଆହ୍ୱାନ କରାଯାଇଥିଲା । ମାତ୍ର ସରକାରୀ ନିୟମାବଳୀ କୁ ଉଲ୍ଲଂଘନ କରାଯାଇ କିଛି ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ତିନି ଚାରିଟା ଲେଖାଏଁ ପ୍ରକଳ୍ପ କାର୍ଯ୍ୟ ଦିଆଯାଇଛି। ନିୟମ ଆଧାରରେ ଅନଲାଇନ୍ ବିଡିଂ ପରେ ପୁନଶ୍ଚ ଅଫଲାଇନ୍ ଦରଖାସ୍ତ କୌଣସି ସଂସ୍ଥାରେ ଆବେଦନ କରାଯାଉ ନଥିବା ବେଳେ ଏଠାରେ କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଆଶ୍ଚର୍ଯ୍ୟର କଥା ଷଡ଼ଯନ୍ତ୍ର କରାଯାଇ ସମସ୍ତ ୩୨ଟି କାର୍ଯ୍ୟକୁ ନିର୍ଦ୍ଧାରିତ ଅଟକଳ ମୂଲ୍ୟ ଅର୍ଥ ରାଶିରେ ବିଡିଂ କରାଯାଇଛି। କୌଣସି ଠିକା ସଂସ୍ଥା ୧୪.୯୯ କମ ମୂଲ୍ୟ ତାଙ୍କ ଟେଣ୍ଡର୍ ପେପର୍ ?ରେ ଉଲ୍ଲେଖ କରିନାହାନ୍ତି। ଯାହାକି ଏହି ଟେଣ୍ଡରକୁ ନେଇ ସାଧାରଣରେ ଏକ ସନ୍ଦେହ ସୃଷ୍ଟି ହୋଇଛି। ଏଣୁ ଏହାର ତଦନ୍ତ କରିବା ପାଇଁ ଜିଲ୍ଲାପାଳଙ୍କୁ ସେ ନିବେଦନ କରିଛନ୍ତି। ଏହାସହ ଟେଣ୍ଡର୍ ଧାରୀ ଯଦି ଲଟେରି ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ଅନିଚ୍ଛୁକ ହୁଅନ୍ତି, ତେବେ ସେ ବ୍ୟକ୍ତିଗତ ଭାବେ ହାଜର ହୋଇ ଲିଖିତ ଭାବେ ଜଣାଇବା ପାଇଁ ନିୟମ ରହିଛି। ମାତ୍ର ଜଣେ ଠିକାଦାର ବ୍ୟକ୍ତିଗତ ଭାବେ ହାଜର ହୋଇ ନଥିଲେ ମଧ ତାଙ୍କୁ ଏଥିରୁ ବାଦ୍ ଦିଆଯାଇଛି। ଏହା ବିରୋଧରେ ଫୌଜଦାରୀ ମୋକଦ୍ଦମା ରୁଜୁ କରାଯିବ ବୋଲି ସେ କହିଛନ୍ତି। ଏଣୁ ପୌର ପରିଷଦର ଏହି ବେଆଇନ କାର୍ଯ୍ୟ ପାଇଁ ରାଜ୍ୟ ରାଜକୋଷ କୋଟି କୋଟି ଟଙ୍କା ପାଇବାରୁ ବଞ୍ଚିତ ହୋଇଛି। ଏଣୁ ଏ ସମସ୍ତ କାର୍ଯ୍ୟାଦେଶକୁ ବାତିଲ କରିବା ପାଇଁ ଜିଲ୍ଲାପାଳଙ୍କୁ ରଣଜିତ ନିବେଦନ କରିଛନ୍ତି ।ଅନ୍ୟପଟେ ଏ ସମସ୍ତ ଅଭିଯୋଗକୁ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ଖଣ୍ଡନ କରିବା ସହ କହିଛନ୍ତି, ଟେଣ୍ଡର ପ୍ରକ୍ରିୟାରେ ସରକାରଙ୍କ ସମସ୍ତ ନିୟମାବଳୀକୁ ଅନୁକରଣ କରାଯାଇଛି। ଅନୁପସ୍ଥିତ ଥିବା ଠିକାଦାରଙ୍କୁ କାର୍ଯ୍ୟାଳୟ ପକ୍ଷରୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଅସୁସ୍ଥତା କାରଣରୁ ସେ ଲଟେରି ପ୍ରକ୍ରିୟାରେ ଭାଗ ନେଇପାରିବେ ନାହିଁ ବୋଲି କହିଛନ୍ତି। ଏଣୁ ସମ୍ପୂର୍ଣ୍ଣ ପ୍ରକ୍ରିୟାରେ କୌଣସି ପ୍ରକାର ଫିକ୍ସିଂ କରାଯାଇ ନାହିଁ ବୋଲି ସେ କହିଛନ୍ତି।

## ଫ୍ରିଡମ ଅନୁଷ୍ଠାନର ଜଳବାୟୁ ପରିବର୍ତ୍ତନର କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚନା ଚକ୍ର




ରା ଉଦୟଗିରି, (ମହାଭାରତ) : ବୁଧବାର ଦିନ କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟ ପରିସରରେ ଫ୍ରିଡ଼ମ ଅନୁଷ୍ଠାନ ତରଫରୁ ଜଳବାୟୁ ପରିବର୍ତ୍ତନର କାରଣ ଓ ନିରାକରଣ ବିଷୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥି ବୃନ୍ଦ ପ୍ରଦୀପ ପ୍ରଜ୍ୱଳନ କରି ଥିବା ବେଳେ ସଂସ୍କୃତ ଶିକ୍ଷକ ଶ୍ରୀ ପ୍ରସନ୍ନ କୁମାର ଦାସ ମନ୍ତ୍ର ଉଚ୍ଚାରଣ କରିଥିଲେ ଓ ଅନୁଷ୍ଠାନ ର ସଦସ୍ୟ ଶ୍ରୀ ଧନୁର୍ଦ୍ଧର ରଇତପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେଛ ଏ ଅବସରରେ ମୋହନା ବିଧାୟକ ଶ୍ରୀ ଦାଶରଥି ଗମାଙ୍ଗ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ରା ଉଦୟଗିରି ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀ ଲକ୍ଷ୍ମୀ ନାରାୟଣ ଶବର ମୁଖ୍ୟ ବକ୍ତା, ମହେନ୍ଦ୍ରଗଡ଼ ସରପଞ୍ଚ ଶ୍ରୀମତି କୁମୁଦିନୀ ଗମାଙ୍ଗ. ରା ଉଦୟଗିରି ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ବୀରେନ୍ଦ୍ର କୁମାର ମଣ୍ଡଳ,ଛେଳିଗଡ଼ ହେଡମାଷ୍ଟର ଶ୍ରୀ ବନମାଳୀ ବଡ଼ରଇତ, କେ.ଏମ ଭାଲିଆସାହି ପ୍ରଧାନ ଶିକ୍ଷକ ଶ୍ରୀ ପ୍ରହଲ୍ଲାଦ ସିଅଳ, ଛେଳିଗଡ଼ ବନପାଳ ଶ୍ରୀ ବିଭୀଷଣ ଭୂୟାଁ, ମହେନ୍ଦ୍ରଗଡ଼ ବନପାଳ ଶ୍ରୀ ମୋଜେସ ଶବର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଲୋକନାଥ ନାହାକ ସଭାପତି ଆସନ ଅଳଙ୍କୃତ କରିଥିଲେ। ମୋହନା ବ୍ଲକ ଓ ରା ଉଦୟଗିରି ବ୍ଲକର ୧୦ ଟି ବିଦ୍ୟାଳୟର ନବମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା ଦଶ ଜଣ ଛାତ୍ର ଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ସହ ସିଲଡ଼ ପ୍ରଦାନ କରାଯାଇଥିଲା । ବାସ୍ତବରେ ବର୍ତ୍ତମାନ ସମୟରେ ଜଙ୍ଗଲ ସମ୍ପଦର ଅବକ୍ଷୟ, ଜଙ୍ଗଲ ପୋଡି ଅତ୍ୟଧିକ ଜନସଂଖ୍ୟା ଓ କଳକାରଖାନା ବୃଦ୍ଧି ଯାନବାହାନ ର ବୃଦ୍ଧି ଯୋଗୁଁ ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ ବୋଲି ଛାତ୍ର ଛାତ୍ରୀ ଓ ଅତିଥି ବୃନ୍ଦ ମତ ପ୍ରକାଶ କରିଥିଲେ ତେଣୁ ବହୁ ମାତ୍ରାରେ ଗଛ ଲଗାଇବା ଓ ସଚେତନତା ସୃଷ୍ଟି ପାଇଁ ଉଦ୍ୟମ କରିବା ପାଇଁ ଅତିଥି ବୃନ୍ଦ ପରାମର୍ଶ ଦେଇଥିଲେ । ଜଙ୍ଗଲ ବିଭାଗ ତରଫରୁ ଆସନ୍ତା ଜୁଲାଇ ମାସରେ ହେଉଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ବିଭିନ୍ନ ପ୍ରକାର ଚାରା ପିଛା ଏକ ଟଙ୍କା ଦରରେ କିଣି ବାଡ଼ି ବଗିଚାରେ ଲଗାଇବା ପାଇଁ ପରାମର୍ଶ ଦିଆ ଯାଇଥିଲା । ରାଜ୍ୟ ପୁରସ୍କୃତ ଶିକ୍ଷକ ଶ୍ରୀ ସୁବାସ ଚନ୍ଦ୍ର ସାହୁ ସଂଯୋଜନା କରିଥିବା ବେଳେ ଫ୍ରିଡ଼ମର କାର୍ଯ୍ୟକାରୀ ସଭାପତି ଶ୍ରୀ ତ୍ରିନାଥ ବିଷୋୟୀରତ୍ନ ଧନ୍ୟବାଦ ଅର୍ପଣ କରିଥିଲେ ।

## ରଣଜିତଗୁଡ଼ା ଉନ୍ନୀତ ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ୨୦୨୬ ଧୁମଧାମରେ ପାଳିତ

ଲକ୍ଷ୍ମୀପୁର,(ମହାଭାରତ) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସଦର ଅନ୍ତର୍ଗତ ରଣଜିତଗୁଡ଼ା ଉନ୍ନୀତ ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ୨୦୨୬ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଲକ୍ଷ୍ମୀପୁରର ଲୋକପ୍ରିୟ ଯୁବ ବିଧାୟକ ଶ୍ରୀଯୁକ୍ତ ପବିତ୍ର ସାଉଁନ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ଲକ୍ଷ୍ମୀପୁର ଶ୍ରୀ କୈଳାସ ଚନ୍ଦ୍ର ଖୋସଲା, ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ଯୁବ ସଭାପତି ଶ୍ରୀ ମଣ୍ଟି ଖୋରା ସହିତ ବିଦ୍ୟାଳୟର କର୍ତ୍ତୃପକ୍ଷ, ଶିକ୍ଷକମଣ୍ଡଳୀ ଓ ଛାତ୍ରଛାତ୍ରୀମାନେ ବୃହତ ସଂଖ୍ୟାରେ ଉପସ୍ଥିତ ଥିଲେ । ଉତ୍ସବରେ ଛାତ୍ରଛାତ୍ରୀମାନେ ବିଭିନ୍ନ ସାହିତ୍ୟିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରି ସଭାସଦଙ୍କୁ ଆକର୍ଷିତ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ସାଉଁନ୍ତା ତାଙ୍କ ଉଦ୍ବୋଧନରେ ଶିକ୍ଷାର ଗୁରୁତ୍ୱ ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବାରେ ଏପରି କାର୍ଯ୍ୟକ୍ରମର ଭୂମିକା ଉପରେ ଜୋର ଦେଇଥିଲେ । ଶେଷରେ ବିଦ୍ୟାଳୟ ପକ୍ଷରୁ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିବା ସହ କାର୍ଯ୍ୟକ୍ରମଟି ସଫଳତାର ସହ ସମାପ୍ତ ହୋଇଥିଲା ।

## ବାବାସାହେବଙ୍କ ୧୩୫ତମ ଜନ୍ମଜୟନ୍ତୀ ଦୁଇଦିନ ଧରି ଧୂମଧାମରେ ପାଳିତ

ଲାଞ୍ଜିଗଡ଼, (ମହାଭାରତ) : କେବଳ ଦଳିତ କି ଆଦିବାସୀ ନୁହଁନ୍ତି ବରଂ ସମଗ୍ର ମଣିଷ ସମାଜର ହକ ଓ ଅଧିକାର ପାଇଁ ଆଜୀବନ ସମର୍ପିତ ଥିଲେ ଡ. ଭୀମରାଓ ଆମ୍ବେଦକର। ତାଙ୍କ ତ୍ୟାଗ ଓ ନିଷ୍ଠା ତଥା ଅଧ୍ୟବସାୟ ବଳରେ ଆଜି ଦେଶ ସୁରକ୍ଷିତ ଓ ତାଙ୍କ ଲିଖିତ ସମ୍ବିଧାନ ଏହା ସୁନିଶ୍ଚିତ କରିଥାଏ। ସାରା ବିଶ୍ୱ ଯାହାଙ୍କ ଗୁଣଗାରିମା ଆଗରେ ନତମସ୍ତକ ହୁଏ, ତାଙ୍କର ଜନ୍ମଜୟନ୍ତୀ ଦେଶ ତଥା




ବିଦେଶରେ ପାଳିତ ହେଉଛି। ଦଳିତ, ବହୁଜନ ତଥା ସାରା ଦେଶବାସୀଙ୍କ ପାଇଁ ଏହା ପର୍ବ ମହୋତ୍ସବରୁ କୌଣସି ଗୁଣରେ କମ ନୁହେଁ। ଆଜି ତାଙ୍କ ଜନ୍ମଦିବସ ଅବସରରେ ଭାରତୀୟ ଗଣତନ୍ତ୍ର ଓ ଅଦ୍ୱିତୀୟ ସମ୍ବିଧାନର ଶିଳ୍ପକାର ଡ. ବି. ଆର ଆମ୍ବେଦକରଙ୍କ ସମ୍ପର୍କରେ ଦେଶର ପ୍ରତିଟି ନାଗରିକ ଜାଣିବାର ପ୍ରାସଙ୍ଗିକତା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଦଳିତ ଆଦିବାସୀ ମହାସଂଘ, ଲାଞ୍ଜିଗଡ଼ ବ୍ଲକ ଶାଖାର ମିଳିତ ଆନୁକୂଲ୍ୟରେ ଆଜି ଲାଖବାହାଲି ପଂଚାୟତରେ ରେ ବାବାସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜନ୍ମଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଶିବାମ ନାଏକ ଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକର ୨ନମ୍ବର ଜୁନ ର ଜିଲ୍ଲାପରିଷଦ ସଦସ୍ୟ ପରୀକ୍ଷିତ ନାଏକ ,ମୁଖ୍ୟବକ୍ତା ଭାବେଥୁଆମୂଳ ରାମପୁର ବ୍ଲକ ର ସରକାରୀ ମହାବିଦ୍ୟାଳୟର ଅଧ୍ୟାପକ ବଳଭଦ୍ର ନାଏକ , ସମ୍ମାନିତ ଅତିଥି ଭାବେ ଦିଲ୍ଲୀପ କୁମାର ନାଏକ, ବିଜେପୁର ଅତିରିକ୍ତ ଥାନାଧିକାରୀ ଶ୍ୟାମ କୁଳିଶିକା , ଅନିଲ ନାଏକ , ହରହରି ନାଏକ ,ବାସୁଦେବ ନାଏକ, ଗୋପୀବେନାଳ ଗୌରାଙ୍ଗ ନାଏକ, ମାର୍କଣ୍ଡ ନାଏକ , ସୁଶାନ୍ତ ନାଏକ ,ଆମର ନାଏକ, ନୀଳମଣି କରୁଅଁ,ଭଦ୍ର ନାଏକ,ପ୍ରମୁଖ ଯୋଗ ଦେଇଥିଲେ। ଶିବରାମ ନାଏକ ସ୍ୱାଗତ ଅଭିଭାଷଣ, ଅନିଲ କୁମାର ନାଏକ ସଭା ପରିଚାଳନା କରିଥିବାବେଳେ ହରହରି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।। ସଭା ପରେ ଏକ ବିଶାଳ ଶୋଭାଯାତ୍ରା କୁଟିଙ୍ଗ ପଦର ଛକ ଠାରୁ ଲାଖବାହଲି ପ୍ରଯନ୍ତ ପରିକ୍ରମା କରାଯାଇଥିଲା । ଆଜିର ଏହି ଶୋଭାଯାତ୍ରା ଓ କାର୍ଯ୍ୟକ୍ରମରେ ଲାଖବାହାଲି ପଞ୍ଚାୟତ ପାରିପାର୍ଶ୍ୱିକ ଅଞ୍ଚଳରୁ ଉଭୟ ସଂଗଠନର ବହୁସଂଖ୍ୟକ କର୍ମକର୍ତ୍ତା ଏବଂ ସାଧାରଣ ଲୋକେ ସାମିଲ ହୋଇଥିଲେ। ସେହିପରି ବ୍ଲକର ଛତ୍ରପୁରଠାରେ ଜନ ଜାଗରଣ ଯୁବକ ସଂଘ ଦ୍ୱାରା ବାବାସାହେବଙ୍କ ଜନ୍ମ ଜୟନ୍ତୀ ସମାରୋହ ଆୟୋଜିତ ହୋଇଯାଇଛି। ଅପରପକ୍ଷରେ ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ର ବିଶ୍ୱନାଥପୁର ଓ ଗୋବର୍ଦ୍ଧନପୁର ପଞ୍ଚାୟତ ଗୋପାଳପୁରଠାରେ ମଧ୍ୟ ବାବାସାହେବଙ୍କ ୧୩୫ତମ ଜନ୍ମଜୟନ୍ତୀ ପାଳିତ ହୋଇଥିଲା।

## ନାବାଳିକାକୁ ଅସଦାଚରଣ କରି ଅବସରପ୍ରାପ୍ତ ଅଧାପକ ଗିରଫ

ଆସିକା, (ମହାଭାରତ) : ଆସିକା ବସଷ୍ଟାଣ୍ଡରେ ବସ ମଧ୍ୟରେ ନାବାଳିକାକୁ ଦୁଷ୍କର୍ମ ନେଇ ଅଭିଯୋଗ ହୋଇଛି । ରସିକିଆ ଜଣଙ୍କ ହେଉଛନ୍ତି ପୋଲସରା ଶୁଣ୍ଠୀ ସାହି ନିବାସି ତଥା ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧାପକ ପ୍ରମୋଦ କୁମାର ରଥ (୬୨) । ମଙ୍ଗଳବାର ଅପରାହ୍ନ ସମୟରେ ଆସିକା କୋଦଳା ଯାଉଥିବା ଏକ ଘରୋଇ ମିନି ବସ ରେ ଘଟିଛି ଏଭଳି ଏକ ଅଭାବନୀୟ ଘଟଣା। ବସଟି ନିଜ ଗନ୍ତବ୍ୟ ସ୍ଥଳ ଅଭିମୁଖେ ଯିବା ପାଇଁ ବସ ଷ୍ଟାଣ୍ଡ ମଧ୍ୟରେ ଠିଆ ହୋଇଥିବା ସମୟରେ ଅଭିଯୋଗ କାରି ବାପା ନିଜ ୮ ବର୍ଷର ନାବାଳିକା ଝିଅକୁ ବସରେ ବସାଇ ପାଣି ବୋତଲ ଆଣିବା ପାଇଁ ତଳକୁ ଓହ୍ଲାଇଥିଲା । ଏହାର ସୁଯୋଗ ନେଇ ପାର୍ଶ୍ୱରେ ବସିଥିବା ରସିକିଆ ଅବସରପ୍ରାପ୍ତ ଅଧାପକ କୋମଳ ମତି ନାବାଳିକା ସହ ଖରାପ କାର୍ଯ୍ୟ କରିବା କଥା ଅଭିଯୋଗ କାରି ବାପା ଦେଖିଥିବା ସ୍ଥାନୀୟ ଲୋକ ପ୍ରକାଶ କରିଛନ୍ତି । ବିଶେଷ ସୂତ୍ରରୁ ଖବର ପାଇଁ ଆସିକା ପୋଲିସ ଘଟଣା ସ୍ଥଳରେ ପହଂଚି ଗାଡ଼ିରୁ ବାପା, ଝିଅ କୁ ରଖି ପଚରା ଉଚରା କରୁଥିବା ବେଳେ କାମନ୍ଧ ଥିବା ପ୍ରମୋଦ ରଥ କୁ ଗିରଫ କରିଥିବା ମହିଳା ଓ ଶିଶୁ ଡେସ୍କ ର ଅଧିକାରୀ ଅଲିପ୍ସିତା ଜେନା ପ୍ରକାଶ କରିଛନ୍ତି । ଆସିକା ଥାନା କେସ ନମ୍ବର ୧୬୫/୨୬ ରେ ଏକ ପକ୍ସୋ ଆଇନ ରେ ମାମଲା ରୁଜୁ କରି ବ୍ରହ୍ମପୁର ପକ୍ସୋ କୋର୍ଟ ରେ ହଜାର କରାଯାଇଛି । ସେଠାରେ ଜାମିନ ନାମଞ୍ଜୁର ପରେ ବ୍ରହ୍ମପୁର ଜେଲ କୁ ପଠାଯାଇଛି । ଏଭଳି ଏକ ସମ୍ବେଦନଶିଳ ଘଟଣା ରେ ପିଲା ମାନଙ୍କୁ ଏକାକୀ ଛାଡି କେଉଁ ଆଡେ ଯିବାକୁ ଅଭିଭାବକ ମାନେ ଭୟ କରିବାକୁ ଲାଗିଲାଣି । ଏଭଳି କାଣ୍ଡ କରିଥିବା ଅଭିଯୁକ୍ତ କୁ କଠୋର ରୁ କଠୋର ଦଣ୍ଡ ମିଳିବା ଦରକାର ବୋଲି ଶିଶୁ ଅଧିକାର କର୍ମୀ ମାନେ ଦାବୀ କରିଛନ୍ତି ।

## ୩୫ ମୌଜା ପଣା ଯାତ୍ରା ମହୋତ୍ସବ ଉଦଘାଟିତ

କୃଷ୍ଣପ୍ରସାଦ, (ମହାଭାରତ) : ଓଡିଶା ର ୨ୟ ବାଲିଯାତ୍ରା ଭାବେ ସୁନାମ ଅର୍ଜନ କରିଥିବା ୭୯ତମ ପଣାଯାତ୍ରା ମହୋତ୍ସବ ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ତିତିପ ପଞ୍ଚାୟତର ଦେଉଳପଡା ଠାରେ ୩୫ ମୌଜା ପରିଚାଳନା କମିଟି ଆନୁକୂଲ୍ୟରେ ଆରମ୍ଭ ହୋଇଛି । ମୁଖ୍ୟ ପିଠାଧିଶ ଶ୍ରୀ କମଳେଶ୍ୱର ଦେବଙ୍କ ନେତୃତ୍ୱରେ ବିଭିନ୍ନ ଗ୍ରାମରୁ ୧୭ ଠାକୁର ସୁସଜିତ ମେଢ଼ ରେ ଆତସବାଜି ପାଟୁଆର ରେ ପଣା ଯାତ୍ରା ପଡିଆ ରେ ପହଁଚିଥିଲେ। ନିଜ ନିଜ ଆସନ ଉପରେ ବିରାଜମାନ ପରେ ଶ୍ରଦ୍ଧାଳୁ ଭକ୍ତ ମାନେ ଖୋଲା ଦର୍ଶନ କରିଛନ୍ତି। ପରିଚାଳନା କମିଟି ର ସଭାପତି ସୁରେନ୍ଦ୍ର ନାଥ ମାଝୀ, ସମ୍ପାଦକ ଦିଲ୍ଲୀପ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱ ।ବଧାନ ରେ ଯାତ୍ରା ଆରମ୍ଭ ହୋଇଛି। ଏହି ଯାତ୍ରା ୬ ଦିନ ଧରି ଚାଲିବା ଜଣାପଡ଼ିଛି। ପ୍ରତିଦିନ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥାଏ। ମନୋରଞ୍ଜନ ପାଇଁ ପାଲା, ସଂକୀର୍ତ୍ତନ, ପାଇକ, ଆତସବାଜି ପ୍ରତିଯୋଗିତା ହୋଇଥାଏ। ପ୍ରତିଷ୍ଠିତ ସୁନାମଧନ୍ୟ ୨ଟି ଗଣନାଟ୍ୟ ଖୋଲା ମଞ୍ଚରେ ନାଟ୍ୟ ପରିବେଷଣ କରୁଛନ୍ତି। ଏହି ଯାତ୍ରାରେ ପୁରୀ, ଗଞ୍ଜାମ, ଖୋର୍ଦ୍ଧା, ଗଜପତି, ନୟାଗଡ଼, କଟକ ଜିଲ୍ଲା ରୁ ବ୍ୟବସାୟୀ, ଭକ୍ତ ଙ୍କ ସମାଗମ ହୋଇଥାଏ।

# କଳାହାଣ୍ଡି ଜିଲ୍ଲାର ୬୦ଗୋଟି ଗ୍ରାମରେ ପରୀ ନାମରେ ପରିବେଶ ସୁରକ୍ଷା ସଚେତନା କର୍ମଶାଳା



କଳାହାଣ୍ଡି, (ମହାଭାରତ) : ମମତା ହେଲଥ ଇନଷ୍ଟିଚ୍ୟୁଟ ଫର ମଦର ଆଣ୍ଡ ଚାଇଲଡ୍ ଅର୍ଗାନାଇଜେସନ ର ପ୍ରକଳ୍ପ ଜାଗୃତି ଦ୍ୱାରା କଳାହାଣ୍ଡି ଜିଲ୍ଲା ର ୬୦ ଟି ଗ୍ରାମ ରେ ପରିବେଶ ସୁରକ୍ଷା ଉପରେ ସଚତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଅଛି । ଏହି କାର୍ଯ୍ୟକ୍ରମ କୁ ପରି ନାମ ରେ ଅଭିଯାନ ଆରମ୍ଭ କରାଯାଇଅଛି । ଏହି ଅଭିଯାନ ଅନ୍ତର୍ଗତ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମାଧମରେ ଗ୍ରାମୀଣ ଲୋକମାନଙ୍କୁ ପରିବେଶ ପ୍ରଦୂଷଣ ଉପରେ ସଚେତନ କରାଯାଇଥିଲା। ଯେପରିକି ଗ୍ରାମ ବାସୀ ମାନଙ୍କ ଦ୍ୱାରା ନାଟକ ପରିବେଷଣ, ଅଧିବେଶନ, ପଥପ୍ରାନ୍ତ ନାଟକ ଏବଂ ସମସ୍ତ ସରକାରୀ ଅଧିକାରୀଙ୍କ ସହ ଅଧିବେଶନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମରେ ପରିବେଶ ସୁରକ୍ଷା ଜନିତ ନୁକ୍କଡ ନାଟକ ଦ୍ୱାରା ପରିବେଶ କୁ କେମିତି ସୁରକ୍ଷିତ ରଖିବା ତାହା ଉପରେ ସ୍ଥାନୀୟ ଜନସାାରଣଙ୍କୁ ସଚେତନତା କରାଯାଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଘରୋଇ ପ୍ରଦୂଷଣ କୁ କେମିତି କମ୍ କରିବା, ଶୁଖିଲା ଏବଂ ଓଦା ଅଳିଆ କୁ ଅଲଗା କରି ରଖିବା ଓ ପ୍ଲାଷ୍ଟିକ ଜିନିଷ ର ଯେତେ ସମ୍ଭବ କମ୍ ବ୍ୟବହାର କରିବା। ଏହି କାର୍ଯ୍ୟକ୍ରମ ଶେଷରେ ଲୋକ ମାନଙ୍କୁ ଅଧିକ ଆକର୍ଷିତ ଏବଂ ଭଲ ଭାବରେ ସେମାନେ କିପରି ପରିବେଶ ଉପରେ ଜାଣିବେ ସେଥିପାଇଁ ଦଶ ଟି ପ୍ରଶ୍ନ ପଚରା ଯାଇଥିଲା ସେଠାରେ ଉପସ୍ଥିତ ଥିବା ଲୋକମାନଙ୍କୁ ଆଉ ଯେଉଁମାନେ ଠିକ୍ ଉତ୍ତର ଦେଇଥିଲେ ସେମାନଙ୍କ ଭିତରୁ ଦଶ ଜଣ ଙ୍କୁ ପୁରସ୍କାର ଦିଆଯାଇଥିଲା ।ହିତାଧିକାରୀଙ୍କ ଅଧିବେଶନ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଶିକ୍ଷା ବିଭାଗ ର ଟିକେଶ୍ୱର୍ ନାୟକ, ସ୍ୱାସ୍ଥ୍ୟ ବିଭାଗ ର ହରିହର ବେହେରା ଓ ପି କେ ପଣ୍ଡା ଏବଂ ବ୍ଲକ ର ବର୍ଣ୍ଣିତା ମାଡଆମ ଏବଂ ସାର୍ ମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ କୁ ଜିଲ୍ଲା ସଂଯୋଜକ ବର୍ଷା ରାଣୀ ଦାଶ ଏବଂ ମମତା ର ସମସ୍ତ କର୍ମକର୍ତ୍ତା ମାନେ ସାଞ୍ଚଳନ କରିବା ସହ ସଫଳ କରାଇବାରେ ଗୁରୁଦାୟିତ୍ୱ ବହନ କରିଥିଲେ।

## ମହାକାଶରୁ ଚୀନ୍‌ର 'ଗୁପ୍ତଚର ଆଖି' ଇସାରାରେ ଆମେରିକା ଘାଟି ଉପରେ ଆକ୍ରମଣ କରିଛି ଇରାନ

ୱାସିଂଟନ, ୧୫/୦୪ : ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ, ଏକ ଚାଞ୍ଚଲ୍ୟକର ରିପୋର୍ଟ ସାମ୍ନାକୁ ଆସିଛି ଯାହା ୱାସିଂଟନରୁ ବେଜିଂ ପର୍ଯ୍ୟନ୍ତ



ଆଲୋଡ଼ନ ସୃଷ୍ଟି କରିଛି । ଆମେରିକୀୟ ଗୁପ୍ତଚର ସଂସ୍ଥା ଏବଂ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ,ଯୁଦ୍ଧରେ ଇରାନ ଏକ ଚୀନ୍ ଗୁପ୍ତଚର ଉପଗ୍ରହର ସାହାଯ୍ୟ ନେଇଛି । ଏହି ଉଚ୍ଚ-ପ୍ରଯୁକ୍ତିବିଦ୍ୟା ସହାୟତା ଇରାନକୁ ଆମେରିକୀୟ ସୁରକ୍ଷାରେ ଥିବା ଅତ୍ୟନ୍ତ ସୁରକ୍ଷିତ ବିବେଚିତ ଆମେରିକୀୟ ସାମରିକ ଘାଟିଗୁଡ଼ିକୁ ସଠିକ୍ ଭାବରେ ଚିହ୍ନଟ କରି ଆକ୍ରମଣ କରିଛି । ରିପୋର୍ଟ ଅନୁଯାୟୀ, ଏହି କାର୍ଯ୍ୟ ଟିଇଇ-୦୧-ବି ନାମକ ଏକ ଶକ୍ତିଶାଳୀ ଉପଗ୍ରହ ଦ୍ୱାରା କରାଯାଇଛି । ଏହି ଉପଗ୍ରହଟି ଏକ ଘରୋଇ ଚୀନ୍ କମ୍ପାନି ଆର୍ଥ ଆଇ ଦ୍ୱାରା ବିକଶିତ ହୋଇଛି । ଏହା ମହାକାଶରେ ଇନ୍-ଅର୍ବିଟ୍ ଡେଲିଭରୀ ସେବା ପ୍ରଦାନ କରିଥାଏ । ଏହି ଉପଗ୍ରହଟି ଅଧ ମିଟର ପର୍ଯ୍ୟନ୍ତ ରିଜୋଲ୍ୟୁସନ ସହିତ ଅତ୍ୟନ୍ତ ସ୍ୱଷ୍ଟ ଚିତ୍ର ଉତ୍ତୋଳନ କରିବାକୁ ସକ୍ଷମ । ଏହି ଉପଗ୍ରହକୁ ୨୦୨୪ ମସିହାର ଶେଷ ଭାଗରେ ଇରାନର ରିଭୋଲ୍ୟୁସନାରୀ ଗାର୍ଡସ୍ (ଆଇଆର୍ ?ଜିସି)ର ଏରୋସ୍ପେସ୍ ଫୋର୍ସ ଦ୍ୱାରା ଅଧିଗ୍ରହଣ କରାଯାଇଥିଲା । ଏହା ପରେ ଏହାକୁ ସାମରିକ ଉଦ୍ଦେଶ୍ୟରେ ବ୍ୟବହାର କରାଯିବା ଆରମ୍ଭ ହୋଇଥିଲା । ତଦନ୍ତରୁ ଜଣାପଡିଛି, ଟିଇଇ-୦୧-ବି ମାର୍ଚ୍ଚ ୧୩ ରୁ ୧୫ ମଧ୍ୟରେ ସାଉଦି ଆରବର ପ୍ରିନ୍ସ ସୁଲତାନ ବାୟୁ ଘାଟିର ବିସ୍ତୃତ ଯାଞ୍ଚ କରିଥିଲା । ପ୍ରାପ୍ତ ସଠିକ୍ ସୂଚନା ଆଧାରରେ ଇରାନ ପକ୍ଷରୁ ଆକ୍ରମଣ କରାଯାଇଥିଲା । ଆକ୍ରମଣରେ ପାଞ୍ଚଟି ଆମେରିକୀୟ ବାୟୁସେନାର ଇନ୍ଧନ ଭର୍ତ୍ତି ବିମାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । ଏହା ବ୍ୟତୀତ ଇରାନ ଏହି ଉପଗ୍ରହ ମାଧ୍ୟମରେ ଜୋର୍ଡାନର ମୁୱାଫାକ ସାଲଟି ବାୟୁ ଘାଟି, ବାହାରିନରେ ଥିବା ଆମେରିକୀୟ ନୌସେନା ଘାଟି ଏବଂ ଇରାକର ଏରବିଲ ବିମାନବନ୍ଦର ଉପରେ ମଧ୍ୟ ନଜର ରଖାଯାଇଥିଲା । ପୂର୍ବରୁ ଇରାନର ନିଜସ୍ୱ ନୁର-୩ ସାଟେଲାଇଟ୍ ଥିଲା, କିନ୍ତୁ ଏହାର ଚିତ୍ର କେବଳ ୧୨-୧୫ ମିଟର ପରିସୀମା ମଧ୍ୟରେ ସୀମିତ ଥିଲା । ଚୀନ୍ ଠାରୁ ଅଧିଗ୍ରହଣ କରାଯାଇଥିବା ଟିଇଇ-୦୧-ବି ସାଟେଲାଇଟ୍ ନୁର-୩ ତୁଳନାରେ ପ୍ରାୟ ୧୦ ଗୁଣା ସଠିକ ସୂଚନା ପ୍ରଦାନ କରୁଛି । ଏହି ଉତ୍କୃଷ୍ଟ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଇରାନ ଆମେରିକୀୟ ଘାଟି ଉପରେ କ୍ଷେପଣାସ୍ତ୍ର ମାଡ଼ କରିବା ସହ ଏଫ୍-୧୬ ଏବଂ ଏଫ୍-୩୫ ଭଳି ଅତ୍ୟାଧୁନିକ ଯୁଦ୍ଧ ବିମାନକୁ ଖସାଇ ଦେଇଥିବା ମଧ୍ୟ ଦାବି କରିଛି । ଏହି ସାଟେଲାଇଟ୍ ଆକ୍ରମଣ ଯୋଜନା ଏବଂ ପରବର୍ତ୍ତୀ କ୍ଷୟକ୍ଷତି ମୂଲ୍ୟାଙ୍କନ ପାଇଁ ମଧ୍ୟ ବ୍ୟବହୃତ ହୋଇଥିଲା । ଯୁଦ୍ଧ ସମୟରେ ଏପରି ବିଦେଶୀ ପ୍ରଯୁକ୍ତିବିଦ୍ୟା ଇରାନକୁ ଏକ ରଣନୈତିକ ସୁବିଧା ଦେଇଛି । ଯାହା ଫଳରେ ଇରାନ କଡ଼ା ମୁକାବିଲା କରିବାକୁ ସକ୍ଷମ ହୋଇଛି ।

## ୱାସିଂଟନ ଯିବେ ଭାରତୀୟ ପ୍ରତିନିଧି


ନୂଆଦିଲ୍ଲୀ, ୧୫/୦୪ : ଭାରତ ଓ ଆମେରିକା ମଧ୍ୟରେ ଅଟକି ରହିଥିବା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ପୁନର୍ବାର ଆରମ୍ଭ ହେବ । ଆସନ୍ତା ସପ୍ତାହରେ ଏକ ଉଚ୍ଚସ୍ତରୀୟ କେନ୍ଦ୍ର ସରକାରଙ୍କ ପ୍ରତିନିଧିମଣ୍ଡଳ ୱାସିଂଟନ ଯାତ୍ରା କରିବେ । ଏହି ଗସ୍ତ ଏପରି ଏକ ସମୟରେ ହେଉଛି ଯେତେବେଳେ ଆମେରିକାର ଶୁଳ୍କ ନିୟମ ଓ କୋର୍ଟଙ୍କ ରାୟ ପରେ ସୃଷ୍ଟି ହୋଇଥିବା ସ୍ଥିତି ଉପରେ ସମସ୍ତଙ୍କ ନଜର ରହିଛି । ଆସନ୍ତା ସପ୍ତାହର ଆଲୋଚନା କେବଳ ଶୁଳ୍କ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ । ଆମେରିକା ବାଣିଜ୍ୟ ପ୍ରତିନିଧିଙ୍କ କାର୍ଯ୍ୟାଳୟ ଆସନ୍ତା ସପ୍ତାହର ଆଲୋଚନା କେବଳ ଶୁଳ୍କ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ । ଆମେରିକା ବାଣିଜ୍ୟ ପ୍ରତିନିଧିଙ୍କ କାର୍ଯ୍ୟାଳୟର ଧାରା ୩୦୧ ଅଧୀନରେ ଦୁଇଟି ତଦନ୍ତ ଆରମ୍ଭ କରିଛି । ଭାରତ ସମେତ ୬୦ଟି ଦେଶ ବିରୋଧରେ ଏହି ତଦନ୍ତେ୍ତ କରାଯାଉଛି । ବିଷୟରେ ମଧ୍ୟ ଆଲୋଚନା ହେବ । ୱାସିଂଟନ ବୈଠକରେ ଭାରତୀୟ ଅଧିକାରୀମାନେ ନୂତନ ଶୁଳ୍କ ଗଠନ ଉପରେ ସ୍ୱଷ୍ଟତା ଖୋଜିବେ । ପରିବର୍ତ୍ତିତ ପରିସ୍ଥିତିରେ ମଧ୍ୟ ରପ୍ତାନିକାରୀଙ୍କ ସ୍ୱାର୍ଥ ସୁରକ୍ଷିତ ରହିବାକୁ ଭାରତ ଚେଷ୍ଟା କରିବ । ଭାରତ ଧାରା ୩୦୧ ତଦନ୍ତ ଉପରେ ମଧ୍ୟ ନିଜର ମତାମତ ଉପସ୍ଥାପନ କରିବ ଯାହା ଦ୍ୱାରା ଭବିଷ୍ୟତରେ ପ୍ରତିବନ୍ଧକକୁ ଏଡାଯାଇପାରିବ । ପ୍ରଥମେ ଆମେରିକା ସହ ବାଣିଜ୍ୟ ଚୁକ୍ତିନାମା ମାର୍ଚ୍ଚ ମାସରେ ସ୍ୱାକ୍ଷରିତ ହେବାର ଆଶା କରାଯାଉଥିଲା, କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଦ୍ୱାରା ଲାଗୁ ହୋଇଥିବା ଶୁଳ୍କ ଓ ଆମେରିକା ସୁପ୍ରିମକୋର୍ଟଙ୍କ ରାୟ ପରିସ୍ଥିତିକୁ ଅଧିକ ଜଟିଳ କରିଛି । ଦୁଇ ଦେଶ ଗତ ଫେବ୍ରୁଆରି ମାସରେ ଚୁକ୍ତିର ପ୍ରଥମ ପର୍ଯ୍ୟାୟର ରୂପରେଖା ପ୍ରସ୍ତୁତ କରିଥିଲେ । ଏହି ଢାଞ୍ଚା ଅନୁଯାୟୀ ଆମେରିକା ଭାରତୀୟ ସାମଗ୍ରୀ ଉପରେ ଶୁଳ୍କ ୧୮%କୁ ହ୍ରାସ କରିବାକୁ ରାଜି ହୋଇଥିଲା । ତଥାପି, ପରବର୍ତ୍ତୀ ସମୟରେ ଆମେରିକାର ସୁପ୍ରିମକୋର୍ଟ ଟ୍ରମ୍ପଙ୍କ ପୂର୍ବ ଶୁଳ୍କକୁ ଅସିଦ୍ଧ ଘୋଷଣା କରିବା ପରେ ସେହି ଆଲୋଚନା ପ୍ରାସଙ୍ଗିକତା ହରାଇଥିଲା । ଏହି ନିଷ୍ପତ୍ତି ପରେ ଆମେରିକା ପ୍ରଶାସନ ଗତ ଫେବ୍ରୁଆରି ୨୪ରୁ ୧୫୦ ଦିନ ପାଇଁ ସମସ୍ତ ଦେଶରୁ ଆମଦାନି ଉପରେ ୧୦ ପ୍ରତିଶତ ଶୁଳ୍କ ଲାଗୁ କରିଥିଲା । ଶୁଳ୍କକୁ ନେଇ ସ୍ୱଷ୍ଟତା ଅଭାବରୁ ଗତ ମାସର ବୈଠକକୁ ସ୍ଥଗିତ ରଖାଯାଇଥିଲା । ଗତ ଫେବ୍ରୁଆରିରେ ଅନ୍ୟ ଦେଶଗୁଡ଼ିକ ତୁଳନାରେ ଭାରତ ଭଲ ସ୍ଥିତିରେ ଥିଲା । କିନ୍ତୁ ଏବେ ଆମେରିକା ସମସ୍ତ ଦେଶ ଉପରେ ୧୦ ପ୍ରତିଶତ ଫ୍ଲାଟ୍ ଶୁଳ୍କାକଗୁ କରିଛି । ଏହା ଭାରତର ବିଶେଷ ସୁବିଧାକୁ ହ୍ରାସ କରିଛି ।

## ରାଘବ ଚଢାଙ୍କୁ ପୁଣି ଆଉ ଏକ ଝଟ୍‌କା

ନୂଆଦିଲ୍ଲୀ, ୧୫/୦୪ : ଆମ ଆଦମୀ ପାର୍ଟି ନେତା ଏବଂ ରାଜ୍ୟ ସଭାର ଉପନେତା ଅଶୋକ ମିତ୍ତଲଙ୍କ ଘର ଏବଂ କାର୍ଯ୍ୟାଳୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ଚଢାଉ ମଧ୍ୟରେ, ପଞ୍ଜାବ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟ ସରକାର ରାଜ୍ୟ ସଭା ସାଂସଦ ରାଘବ ଚଢାଙ୍କୁ ପ୍ରଦାନ କରାଯାଇଥିବା ସୁରକ୍ଷା ପ୍ରତ୍ୟାହାର କରିନେଇଛନ୍ତି । ୨୦୨୨ରେ ଆମ ଆଦମୀ ପାର୍ଟି ପଞ୍ଜାବରେ କ୍ଷମତାକୁ ଆସିବା ପରେ ରାଘବ ଚଢାଙ୍କୁ ପଞ୍ଜାବ ସରକାର ସୁରକ୍ଷା ପ୍ରଦାନ କରିଥିଲେ । ଏହି ସୁରକ୍ଷା ସେବେଠାରୁ ବଳବତ୍ତର ରହିଥିଲା । ରାଜ୍ୟ ସଭାରେ ଉପନେତା ପଦରୁ ତାଙ୍କୁ ହଟାଇବା ପରେ, ଚଢାଙ୍କ ସୁରକ୍ଷା ପ୍ରତ୍ୟାହାର କରାଯିବ ବୋଲି କଳ୍ପନାଜଳ୍ପନା କରାଯାଉଥିଲା । ନିକଟରେ, ଆମ ଆଦମୀ ପାର୍ଟି ଚଢାଙ୍କୁ ରାଜ୍ୟ ସଭାରେ ଦଳର ଉପନେତା ପଦରୁ ହଟାଇ ଦେଇଥିଲା ।

# ୧୦ଶ୍ରେଣୀ ପାସ କରିଥିବା ଛାତ୍ରଛାତ୍ରୀଙ୍କ ପାଇଁ ସରକାରୀ ଚାକିରି ସୁଯୋଗ

ନୂଆଦିଲ୍ଲୀ : ସିଆରପିଏଫ କନଷ୍ଟେବଲ (ଟେକ୍ନିକାଲ୍, ଟ୍ରେଡସମ୍ୟାନ୍ ଏବଂ ପାୟନିୟର) ପଦବି ପାଇଁ ଏକ ବଡ଼ ନିଯୁକ୍ତି ଅଭିଯାନ ଘୋଷଣା କରିଛି । ଏହି ନିଯୁକ୍ତି ଅଭିଯାନରେ ମୋଟ ୯,୧୯୫ ପଦବି ପୁରଣ କରାଯିବ । ସରକାରୀ ଚାକିରି ପାଇଁ ପ୍ରସ୍ତୁତ ହେଉଥିବା ପ୍ରାର୍ଥୀଙ୍କ ପାଇଁ ଏହା ଏକ ଭଲ ସୁଯୋଗ ଥିବା କୁହାଯାଉଛି । ଆବେଦନ ପ୍ରକ୍ରିୟା ଅନଲାଇନରେ ହେବ । ଯାହାକି ୨୦୨୬ ଏପ୍ରିଲ ୨୦ ତାରିଖରୁ ଆରମ୍ଭ ହୋଇ ମଇ ୧୯ ପର୍ଯ୍ୟନ୍ତ ଚାଲିବ । ଏହି ନିଯୁକ୍ତି ପାଇଁ ଆବେଦନ କରିବା ପାଇଁ ଇଚ୍ଛୁକ ଥିବା ପ୍ରାର୍ଥୀମାନେ ଅତି କମରେ ଦଶମ ଶ୍ରେଣୀ ପାସ କରିଥିବା



ଆବଶ୍ୟକ । ଡ୍ରାଇଭର ଏବଂ ମେକାନିକ୍ ଭଳି କିଛି ପଦବି ପାଇଁ, ଆଇଟିଆଇ ପ୍ରମାଣପତ୍ର କିମ୍ବା ସମ୍ପୃକ୍ତ ଟ୍ରେଡସମ୍ୟାନ ପଦବି ପାଇଁ ପ୍ରାର୍ଥୀଙ୍କୁ ନିଜ କାମର ଦକ୍ଷତା ଥିବା ଆବଶ୍ୟକ । ଡ୍ରାଇଭର ପଦବି ପାଇଁ ପ୍ରାର୍ଥୀଙ୍କ ବୟସ ୨୧ ରୁ ୨୭ ବର୍ଷ ମଧ୍ୟରେ ହେବା ଆବଶ୍ୟକ । ଅନ୍ୟ ସମସ୍ତ ପଦବି ପାଇଁ ବୟସ ସୀମା ୧୮ ରୁ ୨୩ ବର୍ଷ ଧାର୍ଯ୍ୟ କରାଯାଇଛି । ଏସସି/ଏସଟି ଭଳି ସଂରକ୍ଷିତ ବର୍ଗଗୁଡ଼ିକୁ ପାଇଁ ୫ ବର୍ଷ ଏବଂ ଓବିସିମାନଙ୍କୁ ୩ ବର୍ଷ ପାଇଁ ବୟସ ଛାଡ଼ କରାଯାଇଛି । ପୂର୍ବତନ ସୈନିକମାନେ ମଧ୍ୟ ନିୟମ ଅନୁଯାୟୀ ବୟସ ଛାଡ଼ ପାଇବେ । ପୁରୁଷ ପ୍ରାର୍ଥୀଙ୍କ ଉଚ୍ଚତା ସର୍ବନିମ୍ନ ୧୭୦ ସେମି ଏବଂ ମହିଳା ପ୍ରାର୍ଥୀଙ୍କ ଉଚ୍ଚତା ୧୫୭ ସେମି ରହିବା ଆବଶ୍ୟକ । କିଛି ପଦବି ପାଇଁ ପୁରୁଷମାନଙ୍କୁ ୨୪ ମିନିଟରେ ୫ କିଲୋମିଟର ଦୌଡ଼ ଶେଷ କରିବାକୁ ପଡିବ । ସେହିପରି ମହିଳାମାନଙ୍କୁ ୮.୫ ମିନିଟ୍ରେ ୧.୬ କିଲୋମିଟର ଦୌଡ଼ ଶେଷ କରିବାକୁ ପଡିବ ।ଏହି ନିଯୁକ୍ତି ପାଇଁ ଜେନେରାଲ, ଓବିସି ଏବଂ ଇଡବ୍ଲ୍ୟୁଏସ୍ ବର୍ଗର ପୁରୁଷ ପ୍ରାର୍ଥୀମାନଙ୍କୁ ଆବେଦନ ଫିସ୍ ୧୦୦ଟଙ୍କା ଦେବାକୁ ପଡିବ । ତଥାପି, ଏସସି, ଏସଟି, ସମସ୍ତ ମହିଳା ପ୍ରାର୍ଥୀ ଏବଂ ପୂର୍ବତନ ସୈନିକଙ୍କ ପାଇଁ ଆବେଦନ ଶୁଳ୍କ ସମ୍ପୂର୍ଣ୍ଣ ମାଗଣା । ଆବେଦନ କରିବା ପାଇଁ, ପ୍ରାର୍ଥୀମାନଙ୍କୁ ପ୍ରଥମେ ସିଆରପିଏଫର ଅଫିସିଆଲ୍ ୱେବସାଇଟ୍, ଵରମଞ୍ଚ.ମଵକ୍ତଲ.ଶକ୍ଟଙ୍ଗ.ସଭ ଯାଇ ଆବେଦନ ଫର୍ମ ପୂରଣ କରିବାକୁ ପଡିବ । ଫର୍ମ ପୂରଣ କରିବା ସମୟରେ, ସମସ୍ତ ଆବଶ୍ୟକୀୟ ସୂଚନା ଠିକ୍ ଭାବରେ ପୁରଣ କରିବାକୁ ହେବ । ଡକ୍ୟୁମେଣ୍ଟଗୁଡ଼ିକ ଅପଲୋଡ୍ ପରେ ଆବେଦନ ଶୁଳ୍କ ଦେଇ ଫର୍ମ ଦାଖଲ କରନ୍ତୁ ଏବଂ ପ୍ରିଣ୍ଟଆଉଟ୍ ନିଜ ପାଖରେ ସାଇତି ରଖନ୍ତୁ ।

# ମଧ୍ୟପ୍ରାଚ୍ୟକୁ ଅତିରିକ୍ତ ୧୦, ୦୦୦ ସୈନିକ ପଠାଇଲା ପେଣ୍ଟାଗନ

ୱାସିଂଟନ: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୋଟିଏ ପଟେ ଅସ୍ତ୍ରବିରତି ସ୍ଥାୟୀ ହେବାନେଇ ଆଶା ପ୍ରକଟ କରିଥିବା ବେଳେ ଅନ୍ୟପଟେ ମଧ୍ୟପ୍ରାଚ୍ୟକୁ ପେଣ୍ଟାଗନ ପ୍ରାୟ ୧୦,୦୦୦ ଅତିରିକ୍ତ ସୈନ୍ୟ ପଠାଇ ଦ୍ୱନ୍ଦ୍ୱ ସୃଷ୍ଟି କରିଛି । ବିମାନ ପରିବହନକାରୀ ୟୁଏସ୍ଏସ୍ ଜର୍ଜ ଏଚ୍ ଡବ୍ଲ୍ୟୁ ବୁଶ୍ ଏବଂ ଏହାର ଏସକର୍ଟ ଜାହାଜରେ ପ୍ରାୟ ୬,୦୦୦ ସୈନ୍ୟ ଥିବାବେଳେ ବକ୍ସର ଆମ୍ଫିବିୟସ୍ ରେଡି ଗ୍ରୁପ୍ ଏବଂ ଏକାଦଶ ମେରାଇନ୍ ଏକ୍ସପେଡିସନାରୀ ୟୁନିଟ୍ର ଅନ୍ୟ ୪,୨୦୦ ସୈନ୍ୟ ଚଳିତ ମାସ ଶେଷରେ ପହଞ୍ଚିବେ ବୋଲି ଆଶା କରାଯାଉଛି । ଏହି ସୈନ୍ୟବାହିନୀ ଗଲ୍ଫ ଅଞ୍ଚଳରେ ସଂଯୁକ୍ତ ଅପରେସନରେ ନିୟୋଜିତ ପ୍ରାୟ ୫୦,୦୦୦ ଆମେରିକୀୟ କର୍ମଚାରୀଙ୍କ ସହ ଯୋଗ ଦେବ । ତିନୋଟି ବିମାନ ପରିବହନକାରୀ ଯୁଦ୍ଧପୋତ- ୟୁଏସ୍ଏସ୍ ଆବ୍ରାହମ୍ ଲିଙ୍କନ୍, ୟୁଏସ୍ଏସ୍ ଜେରାଲ୍ଡ ଆର୍ ଫୋର୍ଡ ଏବଂ ୟୁଏସ୍ଏସ୍ ଜର୍ଜ ଏଚ୍ ଡବ୍ଲ୍ୟୁ ବୁଶ୍ ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ



ରହିଛି, ଯାହା ସେମାନଙ୍କର ଷ୍ଟ୍ରାଇକ୍ କ୍ଷମତାକୁ ଯଥେଷ୍ଟ ବିସ୍ତାର କରୁଛି । ସୈନ୍ୟ ବୃଦ୍ଧି ସହିତ ଆମେରିକା ଏହାର ବନ୍ଦର ଉପରେ ନୌସେନା ଅବରୋଧ ଲାଗୁ କରି ଇରାନ ଉପରେ ଚାପ ବଢ଼ାଇଛି । ଓମାନ ଉପସାଗର ଏବଂ ଆରବ ସାଗରରେ ମୁତୟନ ହୋଇଥିବା ଯୁଦ୍ଧ ଜାହାଜ ପୂର୍ବରୁ ଅନେକ ଜାହାଜକୁ ଅଟକାଇ ଫେରାଇ ଦେଇଛି । ତେବେ ଏହି ଅପରେସନ୍ ଏପର୍ଯ୍ୟନ୍ତ ବିନା ସଂଘର୍ଷରେ ଚାଲିଛି । ଆଜି ଆଉ ଏକ ଘଟଣାକ୍ରମରେ ଇରାନ ଏବଂ ଆମେରିକା ମଧ୍ୟରେ କୂଟନୈତିକ ଆଦାନ ପ୍ରଦାନକୁ ସୁଗମ କରିବା ପାଇଁ ପାକିସ୍ତାନ ଫିଲ୍ଡ ମାର୍ଶଲ ଅସୀମ ମୁନିର ତେହେରାନରେ ପହଞ୍ଚିଛନ୍ତି । ମୁନିର ନିକଟରେ ଆମେରିକା-ଇରାନ ଆଲୋଚନା ଉପରେ ଇରାନର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବେ ଏବଂ ଉଭୟ ବୁଝାମଣାକାରୀ ପକ୍ଷର ସ୍ଥିତି ସମୀକ୍ଷା କରିବେ ବୋଲି ଆଶା କରାଯାଉଛି । ଇରାନର ନୂତନ ସର୍ବୋଚ୍ଚ ନେତା ମୋଜତବା ଅଲି ଖେମିନିଙ୍କୁ ମଧ୍ୟ ମୁନିର ଭେଟିବା ସମ୍ଭାବନା ରହିଛି ।

## ନାସିକ୍ ଟିସିଏସ୍ କାର୍ଯ୍ୟାଳୟରେ ଯୌନ ନିର୍ଯାତନା ଓ ଧର୍ମାନ୍ତରୀକରଣ ରାକେଟ୍‌ର ପର୍ଦ୍ଦାଫାସ; ୭ ଗିରଫ

ନାସିକ୍: ଟାଟା କନସଲଟାନ୍ସି ସର୍ଭିସେସ (ଟିସିଏସ୍)ର ନାସିକ୍ କାର୍ଯ୍ୟାଳୟରୁ ଏକ ଅତ୍ୟନ୍ତ ସମ୍ବେଦନଶୀଳ ତଥା ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି, ଯାହା କର୍ପୋରେଟ୍ କ୍ଷେତ୍ରରେ କ୍ଷମତାର ଅପବ୍ୟବହାର ଏବଂ ସାମାଜିକ ବିଭେଦର କଳା ଚିତ୍ରକୁ ସାମନାକୁ ଆଣିଛି । ଜଣେ ଯୁବ ମହିଳା ସହକର୍ମୀଙ୍କ ଅଭିଯୋଗ ପରେ ପୁଲିସର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ରହସ୍ୟମୟ ଭାବେ କାର୍ଯ୍ୟ କରୁଥିବା ଏକ ବଡ଼ ଧରଣର ରାକେଟ୍‌କୁ ଠାବ କରିବାରେ ସଫଳ ହୋଇଛି । ଏହି ଘଟଣା କେବଳ ବ୍ୟକ୍ତିଗତ ନିର୍ଯାତନା ମଧ୍ୟରେ ସୀମିତ ନୁହେଁ, ବରଂ ଏଥିରେ ବ୍ଲାକମେଲିଂ, ବଳପୂର୍ବକ ଧର୍ମାନ୍ତରୀକରଣ ଚାପ ଏବଂ କାର୍ଯ୍ୟାଳୟର ସୁରକ୍ଷା ବ୍ୟବସ୍ଥାର ବିଫଳତା ପରି ଗୁରୁତର ଦିଗମାନ ରହିଛି, ଯାହା ସାମ୍ପ୍ରତିକ କର୍ପୋରେଟ୍ ସଂସ୍କୃତିକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ।। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ଦାନିଶ ଶେଖ୍, ଯିଏ ପୀଡ଼ିତାଙ୍କ ପୁରୁଣା କଲେଜ ସାଙ୍ଗ ଥିଲେ ଏବଂ ଚାକିରି କରାଇଦେବା ବାହାନାରେ ପ୍ରଥମେ ବିଶ୍ୱାସ ଜିତିଥିଲେ । ପରବର୍ତ୍ତୀ ସମୟରେ ଏହି ସମ୍ପର୍କ ବିବାହ ପ୍ରସ୍ତାବ ଓ ପରେ ବଳପୂର୍ବକ ଶାରୀରିକ ସମ୍ପର୍କ ସ୍ଥାପନ ପର୍ଯ୍ୟନ୍ତ ଯାଇଥିଲା । ପୀଡ଼ିତାଙ୍କ କହିବା ଅନୁଯାୟୀ, ଦାନିଶ ଓ ତାଙ୍କର ଅନ୍ୟ ଦୁଇ ସହକର୍ମୀ ତାଙ୍କୁ କ୍ରମାଗତ ଭାବେ ହଇରାଣ କରିବା ସହ ତାଙ୍କର ନିଜସ୍ୱ ଫଟୋ ଭାଇରାଲ୍ କରିଦେବାର ଧମକ ଦେଇ ବ୍ଲାକମେଲ୍ କରିଆସୁଥିଲେ । କେବଳ ସେତିକି ନୁହେଁ, ପୀଡ଼ିତାଙ୍କ ଉପରେ ଧର୍ମ ପରିବର୍ତ୍ତନ କରିବା ପାଇଁ ମଧ୍ୟ ପ୍ରବଳ ଚାପ ପ୍ରୟୋଗ କରାଯାଇଥିବା ଅଭିଯୋଗ ହୋଇଛି । ଏହି ସମ୍ପୂର୍ଣ୍ଣ ଘଟଣାଟି ଟିସିଏସ୍ ଭଳି ଏକ ପ୍ରତିଷ୍ଠିତ ସଂସ୍ଥାର କର୍ପୋରେଟ୍ ପରିବେଶ ମଧ୍ୟରେ ଘଟିବା ସବୁଠାରୁ ଚିନ୍ତାର ବିଷୟ ପାଲଟିଛି । ଏହି ଘଟଣାରେ ପୁଲିସ ଏପର୍ଯ୍ୟନ୍ତ ୭ ଜଣଙ୍କୁ ଗିରଫ କରିଥିବା ବେଳେ ଏଥିରେ କମ୍ପାନିର କିଛି ବରିଷ୍ଠ ଅଧିକାରୀଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି । ଟାଟା ଗ୍ରୁପ୍ ପକ୍ଷରୁ ଏହାକୁ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି ଏବଂ ଅଭିଯୁକ୍ତଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି । ପୀଡ଼ିତା ବର୍ଣ୍ଣନା କରିଛନ୍ତି ଯେ, କିଭଳି ଭାବେ ବିଶ୍ୱାସର ଏକ ସମ୍ପର୍କ ଧୀରେ ଧୀରେ ଭୟ ଓ ପ୍ରତାରଣାରେ ପରିଣତ ହେଲା । ଏସ୍ ?ଆଇଟି ବର୍ତ୍ତମାନ ଏହି ଘଟଣାର ଡିଜିଟାଲ ପ୍ରମାଣ ସଂଗ୍ରହ କରୁଛି ।

# ହର୍ମୁଜ ପରେ ଆମେରିକା ମଲକ୍କା ପ୍ରଣାଳୀ ଆଡକୁ ମୁହାଁଉଛି କି ?

ୱାସିଂଟନ: ଆମେରିକା ଓ ଇଣ୍ଡୋନେସିଆ ମଧ୍ୟରେ ଏକ ନୂତନ ପ୍ରତିରକ୍ଷା ସହଯୋଗ ଚୁକ୍ତି ଏହି ସପ୍ତାହ ଆରମ୍ଭରେ ଚୂଡ଼ାନ୍ତ ହୋଇଛି । ଏହି ଅବସରରେ ୱାସିଂଟନ ବର୍ତ୍ତମାନ ହର୍ମୁଜ ପରେ ଅନ୍ୟ ଏକ ରଣନୈତିକ ଚୋକ୍‌ପଏଣ୍ଟ ମଲକ୍କା ପ୍ରଣାଳୀ ଉପରେ ନଜର ରଖିଥିବା କୁହାଯାଉଛି । ଏହି ଚୁକ୍ତିନାମା ଆମେରିକାର ସାମରିକ ବିମାନକୁ ଇଣ୍ଡୋନେସିଆ ବାୟୁସୀମାରେ ପ୍ରବେଶ ଅନୁମତି ଦେଇଛି । ଆନୁଷ୍ଠାନିକ ଭାବରେ ଗଭୀର ପ୍ରତିରକ୍ଷା ସହଯୋଗ ଭାବରେ ଏହାକୁ ଦେଖାଯାଉଥିବା ବେଳେ ଏହି ସମୟ ରଣନୈତିକ ପର୍ଯ୍ୟବେକ୍ଷକମାନଙ୍କ ମଧ୍ୟରେ କଳ୍ପନାଜଳ୍ପନା ସୃଷ୍ଟି କରିଛି । ଏହିପରି ପ୍ରବେଶ ଭାରତ ମହାସାଗରକୁ ପୂର୍ବ ଓ ଦକ୍ଷିଣପୂର୍ବ ଏସିଆ ସହିତ ସଂଯୋଗ କରୁଥିବା ଏକ ସଂକୀର୍ଣ୍ଣ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ କରିଡର ମଲକ୍କା ପ୍ରଣାଳୀ ଉପରେ ନଜର ରଖିବା ପାଇଁ ଆମେରିକାର କ୍ଷମତାକୁ ବୃଦ୍ଧି କରିପାରେ । ମଲକ୍କା ପ୍ରଣାଳୀ କେବଳ ଅନ୍ୟ ଏକ ଜାହାଜ ଚଳାଚଳ ମାର୍ଗ



ନୁହେଁ, ଏହା ବିଶ୍ୱର ସବୁଠାରୁ ବ୍ୟସ୍ତବହୁଳ ସାମୁଦ୍ରିକ ଧମନୀ ମଧ୍ୟରୁ ଅନ୍ୟତମ । ବିଶ୍ୱ ବାଣିଜ୍ୟର ପ୍ରାୟ ୪୦ ପ୍ରତିଶତ ଏହି ସଂକୀର୍ଣ୍ଣ କରିଡର ଦେଇ ଯାଇଥାଏ । ଇଲେକ୍‌ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟରଠାରୁ ଆରମ୍ଭ କରି କାର୍ ଓ ଶିଳ୍ପ ସାମଗ୍ରୀ ପର୍ଯ୍ୟନ୍ତ ବହୁ ପରିମାଣର ସାମଗ୍ରୀ ସହିତ ଏହା ବିଶ୍ୱ ତୈଳ ପ୍ରବାହର ପ୍ରାୟ ୩୦ ପ୍ରତିଶତ ବହନ କରେ । ଏହା ମଲକ୍କାକୁ ହର୍ମୁଜଠାରୁ ମୌଳିକ ଭାବରେ ଭିନ୍ନ କରିଥାଏ । ତୈଳ ପରିବହନ ପାଇଁ ହର୍ମୁଜ କେନ୍ଦ୍ରବିନ୍ଦୁ ହୋଇଥିବାବେଳେ ମଲକ୍କା ଏକ ବ୍ୟାପକ ବାଣିଜ୍ୟିକ ଜୀବନରେଖା ଭାବରେ କାର୍ଯ୍ୟ କରେ । ଏହାର ଭୌଗୋଳିକ ସ୍ଥିତି ଏହାର ମହତ୍ତ୍ୱକୁ ଆହୁରି ବୃଦ୍ଧି କରିଥାଏ । ଫିଲିପ୍ ଚ୍ୟାନେଲରେ ଏହି ପ୍ରଣାଳୀ ପ୍ରାୟ ୩ କିମି ଚଉଡ଼ା, ଯାହା ହର୍ମୁଜ ଅପେକ୍ଷା ପ୍ରାୟ ନଅ ଗୁଣ ସଂକୀର୍ଣ୍ଣ । ଏହି ପ୍ରଣାଳୀ ଇଣ୍ଡୋନେସିଆ, ମାଲେସିଆ ଓ ସିଙ୍ଗାପୁର ଦ୍ୱାରା ମିଳିତ ଭାବରେ ପରିଚାଳିତ ଏବଂ ଭାରତ ମହାସାଗର ଓ ପ୍ରମୁଖ ପୂର୍ବ-ଏସୀୟ ଅର୍ଥନୀତି ମଧ୍ୟରେ ମୁଖ୍ୟ ସାମୁଦ୍ରିକ ସେତୁ ଭାବରେ କାର୍ଯ୍ୟ କରେ ।

ଆମେରିକା-ଇଣ୍ଡୋନେସିଆ ପ୍ରତିରକ୍ଷା ଚୁକ୍ତି କଳ୍ପନାଜଳ୍ପନା ସୃଷ୍ଟି କରିଛି ଯେ ୱାସିଂଟନ ଭାରତ-ପ୍ରଶାନ୍ତ ମହାସାଗରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ କରିଡରରେ ନିଜର ପଦଚିହ୍ନକୁ ଆହୁରି ଗଭୀର କରିବାକୁ ଚାହୁଁଛି । ଇଣ୍ଡୋନେସିଆ ବାୟୁସୀମାରେ ବିସ୍ତାରିତ ପ୍ରବେଶ ଆମେରିକାକୁ ମଲକ୍କା ପ୍ରଣାଳୀ ଉପରେ ତୀକ୍ଷ୍ଣ ନଜର ରଖିବାକୁ ଅନୁମତି ଦେଇପାରେ । ରଣନୀତିକ ପର୍ଯ୍ୟବେକ୍ଷକମାନେ ଏହି ବ୍ୟାପକ ସମ୍ଭାବନାକୁ ସୂଚାଇ ଦେଇଛନ୍ତି । ଆମେରିକାର ପ୍ରତିରକ୍ଷା ରଣନୀତିଜ୍ଞ ଜନ୍ କୋନରାଡ୍ ଏକ୍ସରେ ଲେଖିଛନ୍ତି, ରାଷ୍ଟ୍ରପତି ଟ୍ରମ୍ପ ବିଶ୍ୱର ଚୋକ୍ ପଏଣ୍ଟଗୁଡ଼ିକୁ ସୁରକ୍ଷିତ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି । ହର୍ମୁଜ ଅପେକ୍ଷା ମଲକ୍କା ପ୍ରଣାଳୀ ନିଃସନ୍ଦେହରେ ଅଧିକ ଗୁରୁତ୍ୱପୂର୍ଣ୍ଣ । ଆମେରିକା ସେନାର ଭେଟେରାନ୍ ଜାକବ କ୍ରିଚ୍ ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ବିଶ୍ୱ ତୈଳ ପରିବହନ ଚୋକ୍ ପଏଣ୍ଟଗୁଡିକ ଆମେରିକାର ସୈନ୍ୟବାହିନୀ ଓ ସେମାନଙ୍କ ସହଯୋଗୀମାନଙ୍କ ଦ୍ୱାରା ସୁରକ୍ଷିତ କରାଯାଉଛି । ମଲକ୍କା ପ୍ରଣାଳୀ ସହିତ ଭାରତର ଭୌଗୋଳିକ ନିକଟତରତା ଏହାକୁ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ କରିଛି । ଏହି ପ୍ରଣାଳୀର ମୁହାଣ ଭାରତର ଦକ୍ଷିଣ ଦ୍ୱୀପପୁଞ୍ଜ ନିକଟରେ ଅବସ୍ଥିତ, ଯାହା ପୋର୍ଟ ବ୍ଲେୟାରରୁ ୨୪ ଘଣ୍ଟାର କମ୍ ସମୟର ବାଟ । ଏଥି ସହ ଭାରତର ସିଧାସଳଖ ଆର୍ଥିକ କାରବାର ମଧ୍ୟ ରହିଛି । ଏହାର ପ୍ରାୟ ୫୫ ପ୍ରତିଶତ ବାଣିଜ୍ୟ ମଲକ୍କା ପ୍ରଣାଳୀ ଓ ସିଙ୍ଗାପୁର ଅଞ୍ଚଳ ଦେଇ ଯାଇଥାଏ, ଯାହା ଭାରତର ନିଜସ୍ୱ ଯୋଗାଣ ଶୃଙ୍ଖଳା ଓ ଶକ୍ତି ପ୍ରବାହ ପାଇଁ ଏହି କରିଡର କେତେ ଗୁରୁତ୍ୱପୂର୍ଣ୍ଣ ତାହା ସୂଚାଇଥାଏ । ପରିବର୍ତ୍ତିତ ପରିସ୍ଥିତି ସୂଚିତ କରେ ଯେ ମଲକ୍କା ପ୍ରଣାଳୀରେ ଆମେରିକାର ଯେକୌଣସି ବିସ୍ତାରିତ ଭୂମିକା ଭାରତର ରଣନୈତିକ ସ୍ୱାର୍ଥ ସହ ଜଡିତ ହୋଇପାରେ । ସିଙ୍ଗାପୁର ପ୍ରଥମ ଥର ପାଇଁ ଜଳପଥର ସୁରକ୍ଷା ଲାଗି ମଲକ୍କା ପ୍ରଣାଳୀ ପାଟ୍ରୋଲରେ ଯୋଗଦେବା ପାଇଁ ଭାରତର ଆଗ୍ରହକୁ ଆନୁଷ୍ଠାନିକ ଭାବେ ସ୍ୱୀକାର କରିଛି । ଏହାର ରଣନୀତିକ ଗୁରୁତ୍ୱ ସତ୍ତ୍ୱେ, ମଲକ୍କା ପ୍ରଣାଳୀ ଏକ ଜଟିଳ ଆଞ୍ଚଳିକ ଢାଞ୍ଚା ଦ୍ୱାରା ପରିଚାଳିତ ।

# ଦିନକୁ ଦିନ ସ୍ମରଣଶକ୍ତି ହରାଇ ଚାଲିଛନ୍ତି କାମ୍ବଲି



ମୁମ୍ବାଇ,୧୫।୪: ପୂର୍ବତନ ଭାରତୀୟ କ୍ରିକେଟର୍ ତଥା ମାଷ୍ଟର ବ୍ଲାଷ୍ଟର ସଚ୍ଚିନ ତେନ୍ଦୁଲକରଙ୍କ ବାଲ୍ୟବନ୍ଧୁ ବିନୋଦ କାମ୍ବଲି ଦିନକୁ ଦିନ ତାଙ୍କ ସ୍ମରଣଶକ୍ତି ହରାଇ ଚାଲିଛନ୍ତି। କିଛି କିଛି କଥା ମନେ ରଖି ଅଧିକାଂଶ ଜିନିଷ ଭୁଲି ଯାଉଛନ୍ତି। ଏପରିକି ଡାକ୍ତରମାନେ ତାଙ୍କୁ ଧୂମପାନରୁ ବାରଣ କରିବା କଥାକୁ ମଧ୍ୟ ମନେ ରଖି ପାରୁ ନାହାନ୍ତି। ସେଥିପାଇଁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ନୂଆ ନୂଆ ସମସ୍ୟା ପରିଲକ୍ଷିତ ହେଉଛି।

ଏଭଳି ସ୍ଥିତି ଲାଗି ରହିଲେ ଆଗାମୀ ସମୟରେ ତାଙ୍କର ମସ୍ତିଷ୍କାଘାତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏବେ କିନ୍ତୁ ସେ ବାଡି ଧରି ଚାଲିବା ପରିବର୍ତ୍ତେ ସ୍ୱାଭାବିକ ଭାବେ ଚଳ ବିଚଳ କରିପାରୁଛନ୍ତି। କିନ୍ତୁ କାମ୍ବଲିଙ୍କ ମସ୍ତିଷ୍କରେ ରକ୍ତ ଜମାଟ ବାନ୍ଧି ଯାଇଥିବାରୁ ଡାକ୍ତରମାନେ ଚିନ୍ତାରେ ରହିଛନ୍ତି। ୫୪ବର୍ଷୀୟ ଏହି ପୂର୍ବତନ ବାମହାତୀ ବ୍ୟାଟର୍ ନିଜର ଅଧିକାଂଶ ବଦଭ୍ୟାସକୁ ପରିତ୍ୟାଗ କରିସାରିଲେଣି ବୋଲି ତାଙ୍କ ନିକଟତମ ବନ୍ଧୁ ମାର୍କୋସ୍ କୁଟୋ ପ୍ରକାଶ କରିଛନ୍ତି। ସଂପ୍ରତି କାମ୍ବଲି ଅଧିକାଂଶ ସମୟ ନିଜ ପରିବାର ସହ କଟାଉଛନ୍ତି।

ପତ୍ନୀ ଆଣ୍ଡ୍ରିୟା କେବେ କେବେ ତାଙ୍କୁ ମୁମ୍ବାଇରୁ ଥାନେ ବୁଲିବାକୁ ନେଉଛନ୍ତି। ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ଲାଗି କୁଟୋସ୍ ମଧ୍ୟ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ ସ୍ଥାପନ କରିଛନ୍ତି। ଏଥିରେ କାମ୍ବଲିଙ୍କର ଅଧିକାଂଶ କ୍ରିକେଟର୍ ବନ୍ଧୁ ଅଛନ୍ତି। ସେମାନେ ପ୍ରତିମାସରେ ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରି ଆସୁଛନ୍ତି। ସୂଚନାଯୋଗ୍ୟ ଯେ ୧୮ ମାସ ପୂର୍ବ ମୁମ୍ବାଇରେ ଆୟୋଜିତ ରମାକାନ୍ତ ଆର୍‌ଚେକର ସ୍ମାରକୀ ବକ୍ତୃତା ଅବସରରେ କାମ୍ବଲି ଯୋଗଦେଲା ବେଳେ ଠିକ୍ ଭାବେ ଠିଆ ହୋଇ ପାରୁ ନଥିଲେ। ଏହି ଦୃଶ୍ୟ ପଦାକୁ ଆସିବା ପରେ ପ୍ରଶଂସକମାନେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ସଚ୍ଚିନ ମଧ୍ୟ ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

# ବାଲେଶ୍ୱରରେ 'ମୁଖ୍ୟମନ୍ତ୍ରୀ କପ୍-୨.୦' ଆରମ୍ଭ

## କ୍ରୀଡ଼ାବିତଙ୍କ ମଧ୍ୟରେ ପ୍ରବଳ ଉତ୍ସାହ



ବାଲେଶ୍ୱର,୧୫।୪: ସ୍ଥାନୀୟ ଜିଲ୍ଲା ପ୍ରଶାସନ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଆଜି ବାଲେଶ୍ୱରଠାରେ 'ମୁଖ୍ୟମନ୍ତ୍ରୀ କପ୍-୨.୦' (ଉ.ଗ. ଈଦ୍ଧକ୍କକ୍ଷଛ ୨.୦) ର ବରିଷ୍ଠ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବାଲେଶ୍ୱର ଜିଲ୍ଲା କ୍ରୀଡ଼ା ସଂଘର ସହଯୋଗରେ ଆୟୋଜିତ ଏହି କ୍ରୀଡ଼ା ପ୍ରତିଯୋଗିତା ଆସନ୍ତା ୩୦ ଏପ୍ରିଲ ପର୍ଯ୍ୟନ୍ତ ଚାଲିବ।

ଏହି ଭବ୍ୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ମାନ୍ୟବର ବିଧାୟକ, ରେମୁଣା ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ କ୍ରୀଡ଼ା ଜ୍ୟୋତି ପ୍ରଜ୍ୱଳନ ପୂର୍ବକ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ମାନ୍ୟବର ବିଧାୟକ,ସଦର ଶ୍ରୀ ମାନସ କୁମାର ଦତ୍ତ ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ନାରାୟଣ ପ୍ରଧାନ ଯୋଗଦେଇ କ୍ରୀଡ଼ାବିତ ମାନଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ଜେନା ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

ଏହି ଅବସରରେ ବାଲେଶ୍ୱର ଜିଲ୍ଲା କ୍ରୀଡ଼ା ସଂଘର ସହ-ସାଧାରଣ ସମ୍ପାଦକ ପ୍ରଦୀପ ଲେଙ୍କା, ଉପ-ସଭାପତି ଜଗଦୀଶ ବେହେରା, ଜନ୍‌ମେଜୟ ଦେ, ବୀରେନ୍ଦ୍ର ସ୍ୱାଇଁ ଏବଂ ଓଡ଼ିଶା ଖୋ-ଖୋ ଆସୋସିଏସନର ସହ-ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରାଙ୍କ ସମେତ ଅନେକ ବରିଷ୍ଠ କ୍ରୀଡ଼ାବିତ ଓ ଅଧିକାରୀ ଉପସ୍ଥିତ ଥିଲେ।ଏହି ଖେଳ ଏପ୍ରିଲ ୧୫ ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ଏହି ଟ୍ରଫିରେ ମୁଖ୍ୟତଃ ଚାରୋଟି ବିଭାଗରେ ଯଥା ଖୋ-ଖୋ,ଭଲିବଲ୍,କବାଡି ଏବଂ ଫୁଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜିଲ୍ଲାରେ ଥିବା କ୍ରୀଡ଼ା ପ୍ରତିଭାକୁ ଲୋକଲୋଚନକୁ ଆଣିବା ଏବଂ ଗ୍ରାମାଞ୍ଚଳର ଖେଳାଳିମାନଙ୍କୁ ଏକ ବଡ଼ ପ୍ଲାଟଫର୍ମ ଦେବା ଉଦ୍ଦେଶ୍ୟରେ ଏହି କ୍ରୀଡ଼ା ମହୋତ୍ସବର ଆୟୋଜନ କରାଯାଇଛି।

# ଚେନ୍ନାଇର ବାଜିମାତ୍, କୋଲକାତାକୁ ୩୨ ରନରେ ହରାଇଲା



ଚେନ୍ନାଇ,୧୫।୪: ଚଳିତ ଆଇପିଏଲର ୨୨ତମ ଲିଗ୍ ମ୍ୟାଚ୍‌ରେ ଆଜି ଚେନ୍ନାଇ ସୁପରକିଙ୍ଗସ ଓ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ଖେଳା ଯାଉଥିଲା। ଏହି ମୁକାବିଲା ଏମଏ ଚିଦମ୍ବରମ ଷ୍ଟାଡିୟମ, ଚେନ୍ନାଇରେ ଅନୁଷ୍ଠିତ ହୋଇଥିଲା। ଚେନ୍ନାଇର ୧୯୩ର ଟାର୍ଗେଟକୁ ପିଛା ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟର ୧୬୦ ରନ କରି ପାରିଛି। ଚେନ୍ନାଇ ଆଜିର ମ୍ୟାଚ୍‌ରେ ମାଜିବାତ ମାରିଛି। ୩୨ ରନ୍‌ରେ କୋଲକାତାକୁ ହରାଇଛି

କେକେଆର (କୋଲକାତା ନାଇଟ୍ ରାଇଡର୍ସ) ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଚେନ୍ନାଇକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଚେନ୍ନାଇ ସୁପର କିଙ୍ଗସ୍ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୯୨ ରନ କରିଥିଲା, କକଜକୁ ୧୯୩ ରନର ଟାର୍ଗେଟ ଦେଇଥିଲା । ଉଝକ ର ବ୍ୟାଟସମ୍ୟାନ ମାନେ ଇନିଂସକୁ ଭଲ ଭାବରେ ଶେଷ କରିବା ପାଇଁ ସଂଘର୍ଷ କରି ଥିଲେ। ଚେନ୍ନାଇର ଚେପକ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ କେକେଆର ଅଧିନାୟକ ଅଜିଙ୍କ୍ୟ ରାହାଣେ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ ।

ପ୍ରଥମେ ବ୍ୟାଟିଂ କରି ସିଏସକେ ଭଲ ଆରମ୍ଭ କରିଥିଲା , କିନ୍ତୁ ୨୫ ରନ ସ୍କୋରରେ ଅଧିନାୟକ ଗାୟକୱାଡ ୬ ବଲରେ ୭ ରନ କରି ଆଉଟ ହୋଇ ଥିଲେ। ଏହା ପରେ ଆୟୁଷ ମହାତ୍ରେ ୩୮ ରନର ଇନିଂସ ଖେଳି ଥିଲେ, କିନ୍ତୁ ସେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ଆଉଟ ହୋଇଥିଲେ। ସଞ୍ଜୁ ସାମସନ ୩୨ ବଲରେ ୩୮ ରନ କରି ବ୍ୟାଟିଂ କରୁଥିବା ବେଳେ, କାର୍ତ୍ତିକ ତ୍ୟାଗୀ ତାଙ୍କୁ କ୍ଲିନ୍ ବୋଲ୍ଡ କରିଥିଲେ । ଏହା ପରେ, ସରଫରାଜ ଖାନ ଏବଂ ବ୍ରେଭିସ୍ ଇନିଂସ ଖେଳିଥିଲେ। କିନ୍ତୁ ଶେଷରେ, ସେମାନେ ମଧ୍ୟ ଦଳକୁ ୨୦୦ ରନରେ ପହଞ୍ଚାଇ ପାରିନଥିଲେ । କେକେଆର ପକ୍ଷରୁ ଚମତ୍କାର ବୋଲିଂ କରି କାର୍ତ୍ତିକ ତ୍ୟାଗୀ ତାଙ୍କ ଚାରି ଓଭରରେ ୩୫ ରନ୍ ଦେଇ ସଞ୍ଜୁ ସାମସନ ଓ ବ୍ରେଭିସଙ୍କ ଦୁଇଟି ଗୁରୁତ୍ୱପୂର୍ଣ୍ଣ ୱିକେଟ୍ ନେଇ ଥିଲେ। ସୁନୀଲ ନରେନ୍ ଚାରି ଓଭରରେ ୨୧ ରନ ଦେଇ ଗୋଟିଏ ୱିକେଟ୍ ନେଇଥିଲେ। ଅନୁକୂଳ ରାୟ ତିନି ଓଭରରେ ୨୧ ରନ ଦେଇ ଗୋଟିଏ ୱିକେଟ୍ ନେଇଥିଲେ, ଯେତେବେଳେ ବୈଭବ ଆରୋରା ତାଙ୍କ ଓଭରରେ ୫୫ ରନ ଦେଇ ବହୁତ ମହଙ୍ଗା ସାବ୍ୟସ୍ତ ହୋଇଥିଲେ । ସେ ଗୋଟିଏ ୱିକେଟ୍ ପାଇ ଥିଲେ ବରୁଣ ଚକ୍ରବର୍ତ୍ତୀ ତିନି ଓଭରରେ ୨୬ ରନ ଦେଇ କୌଣସି ୱିକେଟ୍ ନେଇ ନଥିଲେ। ଗ୍ରୀନ୍ ୨ ଓଭରରେ ୧୫ର ଇକୋନୋମିରେ ୩୦ ରନ ଦେଇଥିଲେ ।

## ବିଶ୍ୱକପ୍ ପୂର୍ବରୁ ଘାନାକୁ ମିଳିଲା ନୂଆ କୋଚ୍

ଘାନା,୧୪।୪:ଫିଫା ବିଶ୍ୱକପ୍‌କୁ ମାତ୍ର ଦୁଇ ମାସରୁ କମ୍ ସମୟ ଥିବା ବେଳେ ଘାନା କାର୍ଲସ କ୍ୟୁରୋଜଙ୍କୁ ଜାତୀୟ ପୁରୁଷ ଫୁଟ୍‌ବଲ ଦଳର ନୂଆ କୋଚ୍ ଭାବେ ନିଯୁକ୍ତି ଦେଇଛି। କ୍ୱିରୋଜ ତୁରନ୍ତ ଦାୟିତ୍ୱ ଗ୍ରହଣ କରି ତାଙ୍କ କାର୍ଯ୍ୟାରମ୍ଭ କରିଥିବା ଘାନା ଫୁଟ୍‌ବଲ ଆସୋସିଏସନ ପକ୍ଷରୁ କୁହାଯାଇଛି। ଜୁନ ୧୭ରେ ଟରଣ୍ଟୋଠାରେ ପାନାମା ବିପକ୍ଷ ମ୍ୟାଚ୍ ଖେଳି ଘାନା ଗ୍ରୁପ୍ 'ଏଲ୍'ରେ ଏହାର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ। ଦଳ ପରେ ବୋଷ୍ଟନ ବାହାରେ ଇଂଲଣ୍ଡ ଏବଂ ଫିଲାଡେଲ୍‌ଫଇଆରେ କ୍ରୋଏସିଆ ସହିତ ମୁକାବିଲା କରିବ। 'ବ୍ଲାକ ଷ୍ଟାର' ଭାବେ ପରିଚିତ ଘାନା ମେ ୨୨ରେ ମେକ୍ସିକୋ ଏବଂ ଜୁନ୍ ୨ରେ ୱେଲ୍ସକୁ ଭେଟିବ। ଘାନାର କୋଚ୍ ପଦବୀ ପାଇଁ ଦେଶ ଓ ବିଦେଶରୁ ୬୦୦ରୁ ଊର୍ଦ୍ଧ୍ୱ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ କ୍ୱିରୋଜଙ୍କ ବିଶ୍ୱକପ୍ ଅଭିଜ୍ଞତା ରହିଛି। ତାଙ୍କ ତତ୍ତ୍ୱାବଧାନରେ ଦକ୍ଷିଣ ଆଫ୍ରିକା ୨୦୦୨ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିପାରିଥିଲା। ତାଙ୍କ ଦେଶ ପର୍ତ୍ତୁଗାଲ୍ ୨୦୧୦ ସଂସ୍କରଣରେ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା। ପୁନଶ୍ଚ ସେ ୨୦୧୪ ଓ ୨୦୧୮ ଟୁର୍ନାମେଣ୍ଟରେ ଇରାନ ଦଳର କୋଚ୍ ଦାୟିତ୍ୱରେ ଥିଲେ। ନିକଟ ଅତୀତରେ କ୍ୱିରୋଜ ଓମାନର କୋଚ୍ ଦାୟିତ୍ୱରେ ଥିଲେ। ମାତ୍ର ଓମାନ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହେବାରୁ ୩ ସପ୍ତାହ ପୂର୍ବ ସେ ତାଙ୍କ ପଦବୀରୁ ଓହରି ଯାଇଥିଲେ।

# ମୁମ୍ବାଇର ମନୋବଳ ବଢ଼ାଇଲେ ଛେତ୍ରୀ



ମୁମ୍ବାଇ,୧୫।୪: ଚଳିତ ଆଇପିଏଲ୍‌ରେ ପୂର୍ବ ବିଜେତା ମୁମ୍ବାଇ ଇଣ୍ଡିଆନ୍ସ ଆଶା ଜନକ ଆରମ୍ଭ କରିପାରିନାହିଁ। ପ୍ରଥମ ମ୍ୟାଚ୍‌କୁ ଜିତିବା ପରେ ଲଗାତାର ତିନିଟି ମ୍ୟାଚ୍ ହାରି ସଂପ୍ରତି ପଏଣ୍ଟ ତାଲିକାର ନବମ ସ୍ଥାନରେ ସଂଘର୍ଷ କରୁଛି ଏହି ଦଳ। ସେଥିପାଇଁ ବୁଧବାର ମୁମ୍ବାଇ ଇଣ୍ଡିଆନ୍ସ ଖେଳାଳିମାନେ ଯେତେବେଳେ ୱାଙ୍ଖେଡ ଷ୍ଟାଡିୟମ୍‌ରେ ଅଭ୍ୟାସ କରୁଥିଲେ ସେତେବେଳେ ସେମାନଙ୍କ ମନୋବଳ ବାଢବାକୁ ପହଞ୍ଚି ଯାଇଥିଲେ ଭାରତୀୟ ଫୁଟ୍‌ବଲ୍ ଦଳର ପୂର୍ବତନ ଅଧିନାୟକ ସୁନୀଲ ଛେତ୍ରୀ।

ତାଙ୍କ ଉପସ୍ଥିତି ଦଳର ଅଭ୍ୟାସ ଅଧିବେଶନକୁ ଅଧିକ ରୋଚକ କରିବା ସହ ଖେଳାଳିମାନେ ମଧ୍ୟ ବେଶ୍ ଉତ୍ସାହିତ ହୋଇଥିଲେ। ଛେତ୍ରୀଙ୍କ ଉପସ୍ଥିତି ପାଇଁ ଏକ ନିୟମିତ ଅଭ୍ୟାସ ଫୁଟ୍‌ବଲ୍ ଓ କ୍ରିକେଟ୍‌ର ମହାମିଳନ ମଞ୍ଚରେ ପରିଣତ ହୋଇଥିଲା। ଭାରତର ମହାନତମ ଫୁଟ୍‌ବଲ୍ ତାରକାଙ୍କ ମଧ୍ୟରୁ ଅନ୍ୟତମ ଛେତ୍ରୀ ଏହି ଅବସରରେ ମୁମ୍ବାଇ ଖେଳାଳି ଓ ସହକାରୀ ଅଧିକାରୀଙ୍କ ସହ ଢେର ସମୟ ବାର୍ତ୍ତାଳାପ କରିଥିଲେ। ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍‌ଦିକ ପାଣ୍ଡ୍ୟା ମଧ୍ୟ ତାଙ୍କୁ ଏକ ଦଳୀୟ ଜର୍ସି ଉପହାର ଦେଇଥିଲେ। ଯାହା ତାଙ୍କ ଆଗମନକୁ ଆହୁରି ସ୍ମରଣୀୟ କରିଥିଲା। ମୁମ୍ବାଇ ଇଣ୍ଡିଆନ୍ସ ତା'ର ସାମାଜିକ ଗଣମାଧ୍ୟମ ଆକାଉଣ୍ଟ୍‌ରେ ଏହି ଅଭୁଲା ମୁହୂର୍ତ୍ତରେ ଏକାଧିକ ଫଟୋ ପ୍ରକାଶ କରି ପ୍ରଶଂସକଙ୍କୁ ଏହାର ଝଲକ ଦେଖାଇଥିଲା।

# ବର୍ଣ୍ଣବୈଷମ୍ୟ ଅଭିଯୋଗ

କୋଚି,୧୫।୪: ଭାରତର ପ୍ରମୁଖ ଫୁଟ୍‌ବଲ୍ ଲିଗ୍ ଆଇଏସ୍‌ଏଲ୍‌ରେ ବର୍ଣ୍ଣବୈଷମ୍ୟ ଅଭିଯୋଗ ଉଠିଛି। ଜଣେ ଆଫ୍ରିକୀୟ ଖେଳାଳିଙ୍କୁ ବର୍ଣ୍ଣବୈଷମ୍ୟ ଆକ୍ଷେପ କରାଯିବା ଅଭିଯୋଗ ଆସିବା ପରେ ସର୍ବ ଭାରତୀୟ ଫୁଟ୍‌ବଲ୍ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ ଏକ ବୟାନ ଜାରି କରି କୁହାଯାଇଛି ଯେ ବର୍ଣ୍ଣବୈଷମ୍ୟ ପ୍ରତି ଶୂନ ସହନଶୀଳତା ଅବଲମ୍ବନ କରାଯାଉଛି। ଏହାର ତଦନ୍ତ ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ମାମଲାକୁ ଶୃଙ୍ଖଳା କମିଟିକୁ ପ୍ରେରଣ କରାଯାଇଛି। ସୂଚନା ଅନୁସାରେ ଏପ୍ରିଲ ୧୧ରେ ବେଙ୍ଗାଲୁରୁର କାନ୍ତିରବା ଷ୍ଟାଡିୟମ୍‌ରେ କେରଳ ବ୍ଲାଷ୍ଟର୍ସ ଓ ବେଙ୍ଗାଲୁରୁ ଏଫସି ମଧ୍ୟରେ ଖେଳାଯାଇଥିବା ଏକ ମ୍ୟାଚ୍ ବେଳେ କେତେକ ଦର୍ଶକ ବର୍ଣ୍ଣବୈଷମ୍ୟ ଆକ୍ଷେପ କରିଥିଲେ। ସେମାନେ କେରଳ ବ୍ଲାଷ୍ଟର୍ସ ପକ୍ଷରୁ ଖେଳୁଥିବା ସେନେଗାଲ୍ ଖେଳାଳି ଫାଲୋଉ ଏନ୍‌ଡିଆଭେଙ୍କୁ ଲକ୍ଷ୍ୟ କରି 'ଚିଡ଼ିଆଖାନାକୁ ଯାଅ' ବୋଲି କହିଥିଲେ। ଏହାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବା ପରେ ବ୍ଲାଷ୍ଟର୍ସ ପକ୍ଷରୁ ତାହାକୁ ନିନ୍ଦା କରାଯିବା ସହ ଏ ନେଇ ଆଇଏସ୍‌ଏଲ୍ ଓ ଏଆଇଏଫ୍‌ଏଫ୍‌ରେ ଅଭିଯୋଗ କରାଯାଇଥିଲା। ଏହି ଅଭିଯୋଗ ପାଇବା ପରେ ଏଆଇଏଫ୍‌ଏଫ୍ ପକ୍ଷରୁ ଏନ୍‌ଡିଆଭେଙ୍କ ପ୍ରତି ସଂପୂର୍ଣ୍ଣ ସମର୍ଥନ ଜ୍ଞାପନ କରାଯିବା ସହ ପ୍ରତ୍ୟେକ ବ୍ୟକ୍ତି କୌଣସି ପ୍ରକାରର ଭେଦଭାବ ବିନା ଏହି ସୁନ୍ଦର ଖେଳରେ ଅଂଶଗ୍ରହଣ କରିବାର ଅଧିକାର ରଖେ ବୋଲି କୁହାଯାଇଛି।

# ବିଶ୍ୱ କ୍ରିକେଟ୍‌ରେ ଭାରତର ଏକଛତ୍ରବାଦ ଚାଲିଛି: ୱିଜ୍‌ଡେନ୍


ଲଣ୍ଡନ,୧୫।୪: କ୍ରିକେଟ୍‌ର ବାଇବେଲ୍ କୁହାଯାଉଥିବା ୱିଜ୍‌ଡେନ୍ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଉପରେ ଏକ ବଡ଼ ଅଭିଯୋଗ ଲଗାଇଛି। ବିଶ୍ୱ କ୍ରିକେଟ୍‌ରେ ଭାରତର ରାଜନୈତିକ ହସ୍ତକ୍ଷେପ ବଢିଚାଲିଛି। ବର୍ତ୍ତମାନର କ୍ରିକେଟ୍ ଭାରତର 'ଏକଛତ୍ରବାଦ' ଦ୍ୱାରା ପ୍ରଭାବିତ ବୋଲି ଅଭିଯୋଗ କରାଯାଇଛି।



ଆସନ୍ତା ଗୁରୁବାର ପ୍ରକାଶ ପାଇବାକୁ ଯାଉଥିବା ଏହି ପତ୍ରିକାର ବାର୍ଷିକ ସଂସ୍କରଣ 'ୱିଜ୍‌ଡେନ କ୍ରିକେଟର୍ସ ଆଲମାନାକ୍'ର ସଂପାଦକୀୟରେ ସଂପାଦକ ଲରେନ୍ସ ବୁଥ୍ ଲେଖିଛନ୍ତ ଯେ ପୂର୍ବରୁ କ୍ରିକେଟ୍ ବିଶ୍ୱ ରାଜନୀତିଠାରୁ ଦୂରେଇ ରହୁଥିଲା। କିନ୍ତୁ ଏବେ ଭାରତର ଏକଛତ୍ର ପ୍ରଭାବ ଏହି ଖେଳର ରାଜନୀତୀକରଣ ହୋଇଛି ଓ ଖେଳ କ୍ରମଶଃ ବିଷାକ୍ତ ହେବାରେ ଲାଗିଛି। ସେ ଆହୁରି ମଧ୍ୟ ଲେଖିଛନ୍ତି ଯେ ବିସିସିଆଇ ହେଉଛି ଭାରତର ଶାସକ ଦଳ ବିଜେପିର ଏକ କ୍ରୀଡ଼ା ସଂଗଠନ ପରି ହୋଇଯାଇଛି । ଆଇସିସିରେ ଏବେ ଜଣେ ଭାରତୀୟ ଅଧ୍ୟକ୍ଷ ( ଜୟ ଶାହ) ଓ ଜଣେ ଭାରତୀୟ ସିଇଓ (ସଂଯୋଗ ଗୁପ୍ତା) ଅଛନ୍ତି। ୨୦୨୫ର ଏସିଆ କପ୍ କଥା ଉଲ୍ଲେଖ କରି ସଂପାଦକୀୟରେ ଆହୁରି ମଧ୍ୟ କୁହାଯାଇଛି ଯେ ଏହି ପ୍ରତିଯୋଗିତା ଏକ 'ଯେସାକୁ ତେସା' ତମାସା ରେ ପରିଣତ ହୋଇଥିଲା। ଉଭୟ ଦଳର ଖେଳାଳି ପରସ୍ପରକୁ 'ଲଢୁଆ ବିମାନ'କୁ ସୂଚାଉଥିବା ଇଙ୍ଗିତ କରୁଥିଲେ। ଭାରତୀୟ ଦଳ ହାତ ମିଳାଇବାକୁ ମନା କରିଦେଇଥିଲା, ଏପରିକି ଟ୍ରଫି ପାଇଁ ମଞ୍ଚକୁ ଯାଇନଥିଲା। କେକେଆର୍ ଦ୍ୱାରା ବାଂଲାଦେଶୀ ଖେଳାଳିଙ୍କୁ ବିଦା କରିଦେବା ପ୍ରମାଣିତ କରୁଛି ଯେ କ୍ରିକେଟ୍‌ରେ ରାଜନୀତି କେତେ ଅନୁପ୍ରବେଶ କରିଗଲାଣି।

# ବ୍ୟାଡମିଣ୍ଟନ୍ କିମ୍ବଦନ୍ତୀ ଆକ୍‌ସେଲସେନ୍‌ଙ୍କ ଅବସର

କୋପେନହେଗେନ,୧୫।୪: ଡେନମାର୍କର କିଂବଦନ୍ତି ବ୍ୟାଡମିଣ୍ଟନ୍ ତାରକା ଭିକ୍ଟର ଆକ୍‌ସେଲସେନ୍ ତାଙ୍କ ଜାଜ୍ୱଲ୍ୟମାନ ଖେଳ ଜୀବନରେ ଯବନିକା ଟାଣିଛନ୍ତି। ବିଗତ କିଛି ବର୍ଷ ହେବ ପିଠି ଯନ୍ତ୍ରଣାରେ ଜର୍ଜରିତ ହେବା ପରେ ବାଧହୋଇ ସେ ବୁଧବାର ବ୍ୟାଡମିଣ୍ଟନ୍‌ରୁ ଅବସର ଘୋଷଣା କରିଛନ୍ତି। ଦୁଇ ଥର ଲେଖାଏଁ ଅଲିମ୍ପିକ୍ସ ଓ ବିଶ୍ୱ ଚାମ୍ପିଅନ୍‌ସିପ୍ ବିଜେତା ଏବଂ ଚାରିଥରର ୟୁରୋପୀୟ ବିଜେତା ଆକ୍‌ସେଲସେନ୍ ନିଜ ନିଷ୍ପତ୍ତିକୁ ସର୍ବସାଧାରଣ କରିବା ପରେ ବ୍ୟାଡ୍‌ମିଣ୍ଟନ୍ ପ୍ରତି ସେ ଦେଇଥିବା ଅବଦାନକୁ ସମ୍ମାନ ଜଣାଇ ଲକ୍ଷଲକ୍ଷ କ୍ରୀଡାପ୍ରେମୀ ତାଙ୍କ ଅଗାମୀ ଭବିଷ୍ୟତ ଲାଗି ଶୁଭକାମନା ଜଣାଇଛନ୍ତି। ଭାରତୀୟ ବ୍ୟାଡମିଣ୍ଟନ୍ ତାରକା ଲକ୍ଷ୍ୟ ସେନ୍, ପିଭି ସିନ୍ଧୁ ଓ ବିମଲ କୁମାର ପ୍ରମୁଖ ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ୩୨ ବର୍ଷୀୟ ଆକ୍‌ସେଲସେନ୍ ଟୋକିଓ ଓ ପ୍ୟାରିସ୍ ଅଲିମ୍ପିକ୍ସରେ ଲଗାତାର ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ବି ୨୦୧୭ ଓ ୨୦୨୨ ବିଶ୍ୱ ଚାମ୍ପିଅନ୍‌ସିପ୍ ଜିତିଥିଲେ। ୟୁରୋପୀୟ ଚାମ୍ପିଅନ୍‌ସିପ୍‌ରେ ୬ଟି ସ୍ୱର୍ଣ୍ଣ ପଦକ ଜିତିଥିବା ଡେନମାର୍କ ଦଳର ଅନ୍ୟତମ ସଦସ୍ୟ ଥିଲେ ସେ। ଆକ୍‌ସେଲସେନ୍ ୧୮୩ ସପ୍ତାହ ଧରି ବିଶ୍ୱମାନ୍ୟତାର ପ୍ରଥମ ସ୍ଥାନରେ ରହିଥିଲେ। ନିଜ ଅବସର ବାର୍ତ୍ତାରେ ସେ କହିଛନ୍ତି,ଅଧିକାଂଶ ଲୋକ ଜାଣନ୍ତି ଯେ, ମୁଁ ବହୁତ ଦିନ ଧରି ପିଠି ଯନ୍ତ୍ରଣା ସହ ସଂଘର୍ଷ କରିଆସୁଛି। ଗତବର୍ଷ ଏପ୍ରିଲ୍‌ରେ ମୋର ଅସ୍ତ୍ରୋପଚାର ହେବା ପରେ ଏବଂ ଏକ ଲମ୍ବା ପୁନର୍ବାସ ପ୍ରକ୍ରିୟା ଦେଇ ଯିବା ପରେ, ଦୁର୍ଭାଗ୍ୟବଶତଃ ଅକ୍ଟୋବରରେ ମୋ ସହ ଆଉ ଏକ ଦୁର୍ଘଟଣା ଘଟିଥିଲା। ସେବେଠାରୁ ମୁଁ ଅଧିକ ପ୍ରତିଯୋଗିତା ଖେଳିପାରିନାହିଁ କିମ୍ବା ଅଭ୍ୟାସ ନେଇପାରିନାହିଁ। ଫଳରେ ଅବସର ନେବାର ଦୁର୍ଭାଗ୍ୟଜନକ ତଥା ଅତ୍ୟନ୍ତ କଷ୍ଟକର ନିଷ୍ପତ୍ତି ନେବାକୁ ବାଧ ହୋଇଛି।



# ଧୀମା ଓଭର ହାର ପାଇଁ ରାହାଣେ ଦଣ୍ଡିତ

ଚେନ୍ନାଇ,୧୫।୪:: ଚଳିତ ଆଇପିଏଲ୍‌ରେ ଏପର୍ଯ୍ୟନ୍ତ ଗୋଟିଏ ବି ମ୍ୟାଚ୍ ଜିତିନପାରି ପଏଣ୍ଟ ଟେବୁଲର ତଳେ ଥିବା କେକେଆର୍‌ର ସମସ୍ୟା ବଢିବାରେ ଲାଗିଛି। ମଙ୍ଗଳବାରର ସିଏସକେ ବିପକ୍ଷ ମ୍ୟାଚ୍‌ରେ ଧୀମା ଓଭର ହାର ପାଇଁ ଦଣ୍ଡିତ ହୋଇଛନ୍ତି ଏହି ଦଳର ଅଧିନାୟକ ଅଜିଙ୍କ୍ୟ ରାହାଣେ। ତାଙ୍କ ଉପରେ ୧୨ ଲକ୍ଷ ଟଙ୍କାର ଜରିମାନା ଲାଗୁ କରାଯାଇଛି। ଆଇପିଏଲ୍ ପରିଚାଳନା ପରିଷଦ ପକ୍ଷରୁ ଏହି ଜରିମାନା ଲାଗୁ କରାଯାଇଥିବା ବିଷୟ ଘୋଷଣା କରାଯାଇଛି। ତେବେ ପରିଷଦ ପକ୍ଷରୁ କୁହାଯାଇଛି ଯେ ଏହା କେକେଆର୍ ଦଳର ଏଧରଣର ପ୍ରଥମ ତ୍ରୁଟି ହୋଇଥିବାରୁ ଆଇପିଏଲ୍ ଆଚରଣ ବିଧିର ଧାରା ୨.୨୨ ଅନୁସାରେ ରାହାଣେଙ୍କ ଉପରେ ଏହି ପରିମାଣର ଜରିମାନା ଲଗାଯାଇଛି। ଏହି ମ୍ୟାଚ୍‌ରେ ନୂର ଅହମ୍ମଦଙ୍କ ୩ ୱିକେଟ୍ ଅକ୍ତିଆର ଯୋଗୁଁ କେକେଆର୍‌କୁ ୩୨ ରନ୍‌ରେ ପରାସ୍ତ କରିଥିଲା ସିଏସକେ।

କେକେଆର୍ ଚଳିତ ଆଇପିଏଲ୍ ଋତୁରେ ଚତୁର୍ଥ ଦଳ ଭାବେ ଧୀମା ଓଭର ହାର ପାଇଁ ଦଣ୍ଡିତ ହୋଇଛି। ଏହା ପୂର୍ବରୁ ପଞ୍ଜାବ କିଙ୍ଗ୍ସ ଅଧିନାୟକ ଶ୍ରେୟସ୍ ଆୟର ଦୁଇଥର, ଗୁଜରାଟ ଟାଇଟନ୍ସ ଅଧିନାୟକ ଶୁବମନ ଗିଲ୍ ଓ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଥରେ ଲେଖାଏଁ ଏଥିପାଇଁ ଦଣ୍ଡିତ ହୋଇସାରିଛନ୍ତି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
**Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ**